# ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍‌ଙ୍କ ଦ୍ୱାରା

## ''ଖ୍ରୀଷ୍ଟଙ୍କର ଜନ୍ମ'' ଅଧ୍ୟାୟ – ୧

**ମାଥିଉ ୧–୨**

**''ଏହି ପ୍ରକାରେ ସର୍ବସୁଧା ଅବ୍ରହାମଙ୍କଠାରୁ ଦାଉଦଙ୍କ ପର୍ଯ୍ୟନ୍ତ ଚଉଦ ପୁରୁଷ, ଆଉ ଦାଉଦଙ୍କଠାରୁ ବାବିଲୋନ ନିର୍ବାସନ ପର୍ଯ୍ୟନ୍ତ ଚଉଦ ପୁରୁଷ, ପୁଣି ବାବିଲୋନ ନିର୍ବାସନଠାରୁ ଖ୍ରୀଷ୍ଟଙ୍କ ପର୍ଯ୍ୟନ୍ତ ଚଉଦ ପୁରୁଷ'' ମାଥିଉ ୧:୧୭ ।**

ମରିୟମ ଜଣେ ଯିହୁଦୀ ସ୍ତ୍ରୀ, ତାଙ୍କ ବିବାହ ନିର୍ବନ୍ଧ ଯୋଷେଫ ନାମକ ବଢ଼େଇ କର୍ମକାରଙ୍କ ସହିତ ହେଲା ପରେ ସେମାନଙ୍କ ସହବାସ ପୂର୍ବେ, ମରିୟମ, ପବିତ୍ରଆତ୍ମାଙ୍କ ଦ୍ୱାରା ଗର୍ଭବତୀ ହୋଇଅଛନ୍ତି ବୋଲି ଜଣାପଡ଼ିଲା । ଏଥିରେ ତାଙ୍କ ସ୍ୱାମୀ ଯୋଷେଫ ଧାର୍ମିକ ଥିବାରୁ ଏବଂ ମରିୟମଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ, ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ । କିନ୍ତୁ ଯୋଷେଫ ଏହା ମନସ୍ଥ କଲା ପରେ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, 'ହେ ଦାଉଦଙ୍କ ସନ୍ତାନ ଯୋଷେଫ, ତୁମ୍ଭର ଭାର୍ଯ୍ୟା ମରିୟମଙ୍କୁ ଗ୍ରହଣ କରିବାକୁ ସନ୍ଦେହ କିବା ଭୟ କର ନାହିଁ, କାରଣ ତାଙ୍କର ଗର୍ଭଧାରଣ ପବିତ୍ର ଆତ୍ମାଙ୍କ ଦ୍ୱାରା ହୋଇଅଛି । ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ''ଯୀଶୁ'' ଦେବ, କାରଣ ସେହି ପୁତ୍ର ଆପଣା ଲୋକମାନଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।'' ''ଆହାସ'' ରାଜାଙ୍କୁ, ଭବିଷ୍ୟତ୍‌ବକ୍ତା ଯିଶାଇୟଙ୍କ ଦ୍ୱାରା ଯେଉଁ ବଚନ ପରମେଶ୍ୱର ଦେଇଥିଲେ, ଯଥା : ''ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁଏଲ (ଏହି ନାମର ଅର୍ଥ ଆମ୍ଭମାନଙ୍କ ସହିତ ପରମେଶ୍ୱର ରଖିବ) ।''

ଏହା ସେହି ଯିହୂଦୀ ସ୍ତ୍ରୀ ମରିୟମଙ୍କଠାରେ ସଫଳିକୃତ ହେଲା । ଏ ସମସ୍ତ ଘଟଣା ଜ୍ଞାତ ହେଲାପରେ ଯୋଷେଫ, ମରିୟମଙ୍କୁ ବିବାହ କଲେ, କିନ୍ତୁ ପୁତ୍ର ପ୍ରସବ ନ ହେବା ପର୍ଯ୍ୟନ୍ତ ସେ ମରିୟମଙ୍କ ସହିତ ସହବାସ କଲେ ନାହିଁ । ପରମେଶ୍ୱରଙ୍କ ଦୂତଙ୍କର ଆଜ୍ଞା ଅନୁସାରେ, ଯୋଷେଫ ପୁତ୍ରଙ୍କର ନାମ ଯୀଶୁ ରଖିଲେ, ଯେତେବେଳେ ଯୀଶୁ ବେଥଲିହିମରେ ଜନ୍ମଗ୍ରହଣ କରିଥିଲେ ! ଏହି ବେଥଲିହିମ ଯିହୁଦା ପ୍ରଦେଶର ଏକ ପଲ୍ଲିଗ୍ରାମ । ଆଉ ସେ ସମୟରେ ଯିହୁଦା ପ୍ରଦେଶର ରାଜା ହେରୋଦ ଥିଲେ !

ବିସ୍ମୟସୂଚକ ଏକ ତାରାକୁ ପୂର୍ବ ଦେଶୀୟ ପଣ୍ଡିତମାନେ ଓ ଶାସ୍ତ୍ରୀମାନେ ଦେଖି, ସେମାନେ ଗଣନା କରି ଦେଖି ବୁଝିଲେ ଯେ, ଯିହୁଦୀମାନଙ୍କର ରାଜାଙ୍କ ଜନ୍ମ ହୋଇଅଛି । ଏଣୁ ସେମାନେ ସେହି ତାରକାକୁ ଲକ୍ଷ୍ୟ ରଖି ଯିହୁଦା ପ୍ରଦେଶରେ ପହଞ୍ଚି, ଜନ୍ମଗ୍ରହଣ କରିଥିବା ଯିହୁଦୀମାନଙ୍କ ରାଜାଙ୍କୁ ଭେଟିବା ଉଦ୍ଦେଶ୍ୟରେ ପ୍ରସ୍ଥାନ କଲେ । ସେମାନେ ଯିହୁଦା ପ୍ରଦେଶରେ ପହଞ୍ଚି, ପ୍ରକୃତରେ

ପ୍ରତିଜ୍ଞାତ ରାଜାଙ୍କର ଜନ୍ମ କେଉଁ ସ୍ଥାନରେ ହୋଇଅଛି, ତାହା ଆମ୍ଭମାନଙ୍କୁ ଜ୍ଞାତ କରାନ୍ତୁ, କାରଣ ଆମ୍ଭେମାନେ ତାହାଙ୍କ ଜନ୍ମର ସନ୍ଦେଶ ତାରକାକୁ ଦେଖି, ତାହାଙ୍କୁ ଭେଟିବା ପାଇଁ ପୂର୍ବ ଦେଶରୁ ଆସିଅଛୁ, ଏହା ଜଣାଇଲେ !

ରାଜା ହେରୋଦ ଏହା ଶୁଣି ଅତ୍ୟନ୍ତ ଭୟଭିତ ହେଲେ । ସେ ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କୁ ଏକତ୍ର କରି, ଖ୍ରୀଷ୍ଟ କେଉଁଠାରେ ଜନ୍ମ ଗ୍ରହଣ କରିବେ, ତାହା ବୁଝିବାକୁ ଚେଷ୍ଟା କଲେ । ସେମାନେ ତାଙ୍କୁ କହିଲେ, ଯିହୁଦା ପ୍ରଦେଶର ବେଥଲିହିମରେ, କାରଣ ଭାବବାଦିଙ୍କ ଦ୍ୱାରା ଏପରି ଲେଖାଅଛି । ତାହାପରେ ରାଜା ହେରୋଦ ପୂର୍ବ ଦେଶୀୟ ପଣ୍ଡିତମାନଙ୍କୁ ଗୋପନରେ ଡାକି, ସେହି ତାରା କେଉଁ ସମୟରେ ଦେଖାଗଲା, ତାହା ସେମାନଙ୍କଠାରୁ ସୂକ୍ଷ୍ମରୂପେ ବୁଝିନେଲେ, କାରଣ ସେ ବାଳକର ଜନ୍ମ ତିଥି ଓ ବୟସ ଜାଣିବାକୁ ବ୍ୟାକୁଳ ଥିଲେ ।

ରାଜା ହେରୋଦ ସେମାନଙ୍କୁ ଏହା କହି ପଠାଇ ଦେଲେ, ‘‘ଯେ ସେମାନେ ବେଥଲିହିମକୁ ଯାଇ ବାଳକର ସନ୍ଧାନ ପାଇବା କ୍ଷଣି ଆମ୍ଭକୁ ସମ୍ବାଦ ଦେଲେ, ଆମ୍ଭେ ମଧ୍ୟ ଯାଇ ତାହାକୁ ପ୍ରଣାମ କରିବୁ ।’’

ସେଥିରେ ସେମାନେ ରାଜାଙ୍କ କଥା ଶୁଣି ଚାଲିଗଲେ । ସେମାନେ ପୂର୍ବ ଦେଶରେ ଯେଉଁ ତାରା ଦେଖିଥିଲେ, ସେହି ତାରା ସେମାନଙ୍କ ଆଗେ ଆଗେ ଯାଇ, ଯେଉଁଠାରେ ଶିଶୁ ଥିଲେ, ସେହି ସ୍ଥାନରେ ସ୍ଥଗିତ ହେଲା । ଆଉ ସେମାନେ ସେହି ଗୃହ ଭିତରକୁ ଯାଇ ଶିଶୁଙ୍କୁ ତାହାଙ୍କ ମାତା ମରିୟମଙ୍କ ସଙ୍ଗରେ ଦେଖିଲେ ଓ ତାହାଙ୍କୁ ଭୂମିଷ୍ଠ ପ୍ରଣାମ କଲେ । ପୁଣି ସେମାନେ ସୁନା, କୁନ୍ଦରୁ ଓ ଗନ୍ଧରସ ତାହାଙ୍କୁ ଦର୍ଶନୀ ଦେଲେ ।

ସେମାନେ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ, ରାଜା ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯାଇ ଅନ୍ୟ ପଥରେ ସ୍ୱଦେଶକୁ ପ୍ରସ୍ଥାନ କଲେ ।

ସେମାନେ ପ୍ରସ୍ଥାନ କଲା ପରେ, ଯୋଷେଫଙ୍କୁ ସ୍ୱପ୍ନରେ ପ୍ରଭୁଙ୍କର ଜଣେ ଦୂତ ଦର୍ଶନ ଦେଇ କହିଲେ, ଉଠ ଶିଶୁ ଓ ତାଙ୍କ ମାତାଙ୍କୁ ନେଇ ମିଶରକୁ ପଳାଅ, ଆମ୍ଭେ ତୁମ୍ଭକୁ ନ କହିବା ପର୍ଯ୍ୟନ୍ତ ସେଠାରେ ବାସ କର । କାରଣ ଶିଶୁଙ୍କୁ ବିନାଶ କରିବା ପାଇଁ ରାଜା ହେରୋଦ ଅନ୍ୱେଷଣ କରିବାରେ ବ୍ୟସ୍ତ ଅଛି । ସେଥିରେ ଯୋଷେଫ ଉଠି ଶିଶୁ ଓ ତାଙ୍କ ମାତାଙ୍କୁ ଘେନି ରାତିରେ ମିଶରକୁ ପ୍ରସ୍ଥାନ କଲେ । ଆଉ ହେରୋଦଙ୍କ ମରଣ ପର୍ଯ୍ୟନ୍ତ ସେ ସେଠାରେ ରହିଲେ । ଯେପରି ହୋଶେୟ ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ବଚନ ସଫଳ ହୁଏ, ‘‘ଆମ୍ଭେ ଆପଣା ପୁତ୍ରଙ୍କୁ ମିଶରକୁ ଆହ୍ୱାନ କଲୁ ।’’

ଯେବେ ହେରୋଦ ଦେଖିଲେ ଯେ, ପୂର୍ବ ଦେଶୀୟ ପଣ୍ଡିତମାନେ ତାଙ୍କୁ ପ୍ରବଞ୍ଚନା କରିଅଛନ୍ତି, ସେ କ୍ରୋଧାନ୍ଧ ହୋଇ ବେଥଲିହିମ ଓ ତାହାର ପରିସରରେ ବାସ କରୁଥିବା ୨ ବର୍ଷ ଓ ତହିଁରୁ ନ୍ୟୁନ ବୟସ୍କ ବାଳକମାନଙ୍କୁ ବଧ କରାଇଲେ । ଏହା ବେଥଲିହିମ ଓ ତାହାର ପରିସରରେ ଥିବା ନଗରର ବାଳକମାନଙ୍କ ନିମନ୍ତେ ଏକ ନୃଶଂସ ନରସଂହାର ଥିଲା । ଏହି ଘଟଣା ଯିରିମିୟ ଭବିଷ୍ୟତ୍‌ବକ୍ତାଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀକୁ ସଫଳ କଲା ।

ହେରୋଦଙ୍କ ମୃତ୍ୟୁ ଉତ୍ତାରେ, ପ୍ରଭୁଙ୍କର ଜଣେ ଦୂତ ମିସରରେ ଯୋଷେଫଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, ଉଠ ଶିଶୁ ଓ ତାଙ୍କ ମାତାଙ୍କୁ ଘେନି ଇସ୍ରାଏଲ ଦେଶକୁ ଗମନ କର । କାରଣ ଶିଶୁଙ୍କର ବିନାଶକାରୀ ସମସ୍ତେ ମୃତ୍ୟୁଭୋଗ କରିଅଛନ୍ତି । ସେଥିରେ ସେ ଇସ୍ରାଏଲ ଦେଶକୁ ଗମନ କଲେ । କିନ୍ତୁ ସେ ଜାଣିଲେ ଯେ, ହୋରୋଦଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ହେରୋଦଙ୍କ ସ୍ଥାନରେ ରାଜା ଅଟନ୍ତି, ଏଣୁ ସେ ଭୟଭୀତ ହେଲେ । ପ୍ରଭୁଙ୍କ ଦୂତ ଦ୍ୱାରା ପୁନର୍ବାର ପ୍ରତ୍ୟାଦେଶ ପାଇ ଯୋଷେଫ ଗାଲିଲୀ ଅଞ୍ଚଳର ନାଜରିତକୁ ଯାଇ ସେଠାରେ ବାସ କଲେ । ଯେପରି ଭାବବାଦୀମାନଙ୍କ ବାକ୍ୟ ସଫଳ ହୁଏ ଯେ, ସେ ନାଜରିତୀୟ ବୋଲି ଖ୍ୟାତ ହେବେ । ଆଉ ଯୀଶୁ ତାଙ୍କର ବାଲ୍ୟାବସ୍ଥା ନାଜରିତରେ ବିତାଇଲେ ।

## ମୌଖୀକ ପ୍ରଶ୍ନ

୧. ମରିୟମ କିଏ ?

୨. ଯୋଷେଫ କିଏ ? ସ୍ୱର୍ଗଦୂତ ବାଳକର ନାମ କ'ଣ ରଖିବାକୁ କହିଥିଲେ ?

୩. ପୂର୍ବଦେଶର ପଣ୍ଡିତମାନେ ଯିହୂଦା ପ୍ରଦେଶକୁ କାହିଁକି ଆସିଥିଲେ ?

୪. ରାଜା ହେରୋଦ ଯୀଶୁଙ୍କୁ କ'ଣ ପାଇଁ ଖୋଜିବାକୁ ଚାହୁଁଥିଲେ ?

୫. ପୂର୍ବଦେଶର ପଣ୍ଡିତମାନେ କିପରି ଜାଣିଲେ ଯେ, ସେମାନେ ରାଜା ହେରୋଦଙ୍କ ନିକଟକୁ ଫେରି ନ ଯାଇ ନିଜ ଦେଶକୁ ଅନ୍ୟ ପଥରେ ପ୍ରସ୍ଥାନ କରିବେ ?

୬. ଯିହୂଦୀମାନଙ୍କ ପ୍ରତିଜ୍ଞାତ ରାଜାଙ୍କୁ ମାରିବା ପାଇଁ ରାଜା ହେରୋଦ କିପ୍ରକାର ଷଡ଼ଯନ୍ତ୍ର କଲେ ?

୭. ନିଜ ଦେଶ ଛାଡ଼ି ମିସର ଦେଶକୁ ପଳାୟନ କରିବା ବିଷୟ ଯୋଷେଫ କିପରି ଜାଣିଲେ ?

୮. ନିଜ ଦେଶକୁ ସୁରକ୍ଷିତ ଭାବେ ଫେରିଯିବା ବିଷୟ ଯୋଷେଫ କିପରି ଜାଣିଲେ ?

୯. ଯୀଶୁଙ୍କର ବାଲ୍ୟାବସ୍ଥା କାଟିବା ନଗରର ନାମ କ'ଣ ?

# <u>ଆତ୍ମିକ ସତ୍ୟ : ଅଧ୍ୟାୟ – ୧</u>

## <u>ମାଥିଉ ୧–୨</u>

୧. **ପରମେଶ୍ୱର ବିଶ୍ୱସନୀୟ ଅଟନ୍ତି ଏବଂ ନିଜ ପ୍ରତିଜ୍ଞାକୁ ସର୍ବଦା ପୁରା କରନ୍ତି ।** ପ୍ରଥମ ନର ଓ ନାରୀଙ୍କ ସୃଷ୍ଟି କାଳରୁ ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ, ସେ ଜଗତର ଉଦ୍ଧାରକର୍ତ୍ତାଙ୍କୁ ପ୍ରେରଣ କରିବେ । ଅନେକ ବର୍ଷ ପରେ ତାଙ୍କରି ପ୍ରତିଜ୍ଞା ଅନେକ ଥର ଅନେକଙ୍କ ସମ୍ମୁଖରେ, ଖ୍ରୀଷ୍ଟଙ୍କର ଆଗମନ ବିଷୟରେ ପୁନରାବୃତ୍ତି କରାଗଲା । ଭବିଷ୍ୟବାଣୀ ଯେପରି କରାଯାଇ ଥିଲା, ସେହି ବାକ୍ୟ ଅନୁସାରେ ଠିକ୍ ସେହି ସମୟରେ ମସୀହଙ୍କ ଆଗମନ ଏହି ଜଗତକୁ ହେଲା । ଯୀଶୁ ମସୀହଙ୍କ ଜନ୍ମ ଦ୍ୱାରା ପୂର୍ଣ୍ଣ ହେବା ଅନେକ ଭବିଷ୍ୟଦ୍‌ବାଣୀ ମଧ୍ୟରୁ ଆସନ୍ତୁ କିଛିଟା ଆମେ ସ୍ମରଣ କରିବା ।

ସେହି ପ୍ରକାରେ ପରମେଶ୍ୱର ଆମ୍ଭମାନଙ୍କ ପାଇଁ ବିଶ୍ୱାସଯୋଗ୍ୟ ଅଟନ୍ତି । ଧର୍ମଶାସ୍ତ୍ର ବାଇବଲରେ ପରମେଶ୍ୱର ଆମ୍ଭମାନଙ୍କ ପାଇଁ ଅନେକ ମହତ୍ତ୍ୱପୂର୍ଣ୍ଣ ପ୍ରତିଜ୍ଞା କରିଅଛନ୍ତି । ସେ ତାଙ୍କର ପ୍ରତିଜ୍ଞା ଏବଂ ଭବିଷ୍ୟବାଣୀକୁ ତାଙ୍କରି ଯୋଜନା ଅନୁସାରେ ସଫଳ କରିବେ । ପରମେଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ଓ ତାଙ୍କରି ପ୍ରତିଜ୍ଞାଗୁଡ଼ିକୁ ଖୋଜିବା ଆମ୍ଭମାନଙ୍କ ଜୀବନରେ ମହତ୍ତ୍ୱପୂର୍ଣ୍ଣ ବିଷୟ ଅଟେ ।

୨. **ବାଇବଲ ପରମେଶ୍ୱରଙ୍କ ବାକ୍ୟ ଅଟେ ଏବଂ ସେଥିର ସମସ୍ତ ବାକ୍ୟ ସତ୍ୟ ଅଟେ ।** ହଜାର ହଜାର ବର୍ଷ ପୂର୍ବରୁ ଯୀଶୁଙ୍କର ଜନ୍ମ ଏବଂ ତାଙ୍କ ଜୀବନ ବିଷୟରେ ପରମେଶ୍ୱର ଯଥାର୍ଥ ଭାବେ ଓ ବିସ୍ତାର ଭାବେ ଭବିଷ୍ୟତ୍‌ବକ୍ତାମାନଙ୍କ ଦ୍ୱାରା କହିଅଛନ୍ତି । ଯେପରି ଭବିଷ୍ୟବାଣୀ କରାଯାଇଥିଲା, ସେହିପରି ସବୁକିଛି ଠିକ୍ ଭାବରେ ପୂରଣ ହେଲା ।

୩. **ପରମେଶ୍ୱର ମନୁଷ୍ୟମାନଙ୍କ ସହିତ ସମ୍ପର୍କ ରଖିପାରନ୍ତି ଏବଂ ରଖିଥାନ୍ତି ମଧ୍ୟ ।** ଅନେକେ ବିଶ୍ୱାସ କରନ୍ତି ଯେ ଜଗତରେ କ'ଣ ଘଟୁଛି, ତାହା ସେ ଚିନ୍ତା କରନ୍ତି ନାହିଁ । ଏହି କଥନରୁ ଆମେ ଜାଣିବା ଆବଶ୍ୟକ ଯେ, ପରମେଶ୍ୱର ଆମ୍ଭମାନଙ୍କ ସହିତ କି ପ୍ରକାର ସମ୍ପର୍କ ରଖିଛନ୍ତି ? ଆଜି ମଧ୍ୟ ସେ ଆମ୍ଭମାନଙ୍କୁ ସମ୍ପର୍କ କରନ୍ତି । ଏହି ଅଧ୍ୟାୟରେ ଆମ୍ଭେମାନେ ଜାଣିପାରିବା ଯେ, ପରମେଶ୍ୱରଙ୍କ ସହିତ ଆମ୍ଭମାନଙ୍କର ବାସ୍ତବିକ ସମ୍ବନ୍ଧ କିପରି ରଖିପାରିବା ।

୪. **ସମସ୍ତ ବିଷୟ ପରମେଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ ।** ପରମେଶ୍ୱର ଅଲୌକିକ ବା ଅଦ୍ଭୁତ ବିଷୟସବୁ କରିପାରନ୍ତି । ଏହି କଥନରେ ଅନେକ ଅଲୌକିକ ଏବଂ ଚମତ୍କାରର କାର୍ଯ୍ୟମାନ ହୋଇଛି । ସେଥିମଧ୍ୟରୁ ଗୋଟିଏ କ'ଣ ?

୫. **ପରମେଶ୍ୱର ସର୍ବଜ୍ଞ । ବେଳେବେଳେ ତାଙ୍କରି ଦୈନିକ ଜ୍ଞାନ ବଳରେ ସେ ଭୟଙ୍କର ଭୟଙ୍କର ବିଷୟ ଘଟିବାକୁ ଅନୁମତି ଦିଅନ୍ତି ।** ହେରୋଦ ପ୍ରତିଜ୍ଞାତ ରାଜାଙ୍କୁ ବିନାଶ କରିବାକୁ ଚାହିଁଲା, କାରଣ ସେ ଯୀଶୁଙ୍କୁ ଭୟ ପାଇଲା । ହେରୋଦ ହୃଦୟର ନିକୃଷ୍ଟ ପାପ କଳ୍ପନାକୁ ପରମେଶ୍ୱର

ଶିଶୁଙ୍କୁ ବଧ କରିବାକୁ ଉଦ୍ୟତ ଅଟେ । ହେରୋଦ ହୃଦୟରେ ଆଜ୍ଞା, ଅବଜ୍ଞାକାରଣୀ ଓ ରାଜଦ୍ରୋହର କାରଣରୁ ଏକ ଭୟଙ୍କର ଆତଙ୍କ ସୃଷ୍ଟି କରିଥିଲା । ଆଜି ମଧ୍ୟ ଯଦି ଆମ୍ଭେମାନେ ଆଜ୍ଞାକାରୀ ହୋଇ ନ ରହିଲେ, ଅନେକ ପ୍ରକାର ହିଂସା ଏବଂ ଭୟଙ୍କର ପରିଣାମଗୁଡ଼ିକର ସମ୍ମୁଖିନ ହେଉ । ଆପଣ କ'ଣ କୌଣସି ଆଧୁନିକ ଉଦାହରଣ ଜାଣନ୍ତି ? ଯେଉଁଠାରେ ଜଣେ ବ୍ୟକ୍ତିର ଦୁଷ୍ଟତାର କାରଣରୁ ଅନ୍ୟଜଣକ କ୍ଷତି ପ୍ରାପ୍ତ ହୁଏ ?

୬. **ମନୁଷ୍ୟ ପରମେଶ୍ୱରଙ୍କ ବିରୁଦ୍ଧାଚରଣ କରି ଜୟଯୁକ୍ତ ହୋଇ ନ ପାରେ ।** ହେରୋଦ ପ୍ରତିଜ୍ଞାତ ଶିଶୁଙ୍କୁ ହତ୍ୟା କରିପାରିଲେ ନାହିଁ । କିନ୍ତୁ ସେ ଅନେକ ପରିବାରର ଜୀବନରେ ଭୟଙ୍କର ଦୁଃଖ ଜାତ କଲେ । ଅନେକ ଥର ଆମ୍ଭେମାନେ ଈଶ୍ୱରଙ୍କ ବ୍ୟବସ୍ଥା ଓ ଇଚ୍ଛା ବିରୁଦ୍ଧରେ ବିରୁଦ୍ଧାଚରଣ କରିବାର ଚେଷ୍ଟା କରିଥାଉ । ଯାହା ସର୍ବଦା ଦୁଃଖ ଆଣେ । ଏହା ଆମ୍ଭମାନଙ୍କ ପ୍ରତି ହୋଇଥାଇ ନ ପାରେ, କିନ୍ତୁ ଆମ୍ଭମାନଙ୍କ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କ ପ୍ରତି ହୋଇଥାଇ ପାରେ । ଯଦ୍ୱାରା ଆମେ ଅନ୍ୟକୁ କ୍ଷତି ପହଁଚାଇ ଥାଉ । ନିଜର କ୍ଷୁଦ୍ର ତ୍ରୁଟି ଦ୍ୱାରା ଆମ୍ଭମାନଙ୍କ ଜୀବନରେ ଅନେକ ଦୁଃଖ ଆସିଥାଏ, କ'ଣ ଏ ବିଷୟରେ ଆମ୍ଭେ ଚିନ୍ତିତ ? ଅଥବା ଅନ୍ୟମାନଙ୍କ ଦ୍ୱାରା ବିଦ୍ରୋହାଚରଣର କାରଣରୁ ଆମ୍ଭେମାନେ କ୍ଷତିଗ୍ରସ୍ତ ହୋଇଥାଉ ?

୭. **ପ୍ରତିଜ୍ଞାତ ରାଜାଙ୍କ ବିଷୟରେ ସମସ୍ତ ଯାଜକ ଏବଂ ଶାସ୍ତ୍ରୀମାନେ ଅବଗତ ଥିଲେ, କିନ୍ତୁ ସେମାନେ କେହି ଯୀଶୁଙ୍କୁ ସାକ୍ଷାତ୍ କରିବାକୁ ଯାଇ ନ ଥିଲେ ।** ଯୀଶୁଙ୍କୁ ଆମ୍ଭମାନଙ୍କ ବ୍ୟକ୍ତିଗତ ଜୀବନରେ ସ୍ଥାନ ନ ଦେଇ, ଯୀଶୁଖ୍ରୀଷ୍ଟଙ୍କ ବିଷୟରେ, ଧର୍ମଶାସ୍ତ୍ର ସମ୍ବନ୍ଧୀୟ ଜ୍ଞାନ ଓ ଧାର୍ମିକ ଗଣିତ ହେବା କ'ଣ ସମ୍ଭବ ହୋଇପାରେ ?

୮. **''ଯୀଶୁ'' ଅର୍ଥାତ୍ ''ଇମ୍ମାନୁଏଲ'' ପରମେଶ୍ୱର ଆମ୍ଭମାନଙ୍କ ସହବର୍ତ୍ତୀ ଅଟନ୍ତି ।** ଯିଶାଇୟ ଭବିଷ୍ୟତ୍‌ବକ୍ତାଙ୍କ ଦ୍ୱାରା ଧର୍ମଶାସ୍ତ୍ରର ଲେଖନାନୁସାରେ ସ୍ୱର୍ଗଦୂତ ଯୋଷେଫଙ୍କୁ ଏହି ବାକ୍ୟ କହିଥିଲେ, ଆଉ ମଧ୍ୟ ଅନେକେ କହନ୍ତି ସେ ଜଣେ ସ୍ୱର୍ଗଦୂତ ଏବଂ ଏକ ଉତ୍ତମ ବ୍ୟକ୍ତି ଥିଲେ । କିନ୍ତୁ ଈଶ୍ୱରଙ୍କ ଧର୍ମଶାସ୍ତ୍ର କହେ ଓ ଶିଖାଏ ଯେ, ସେ ପରମେଶ୍ୱର ଆମ୍ଭମାନଙ୍କ ସହିତ ଥିଲେ ।

ଆଗାମୀ ଷଷ୍ଠ ସପ୍ତାହ ମଧ୍ୟରେ ଆମେ ଅନୁସନ୍ଧାନ କରି ଜାଣିବାକୁ ଚେଷ୍ଟା କରିବା ଯେ, ଯୀଶୁ କିଏ ? ଆଉ ସେ ଏହି ଜଗତକୁ କେଉଁ ସୁସମାଚାର ଆଣିଥିଲେ ।

# ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍‌ଙ୍କ ଦ୍ୱାରା

## ''ଯୀଶୁଙ୍କ ବାପ୍ତିସ୍ମ'' ଅଧ୍ୟାୟ – ୨

**ମାଥିଉ ୩–୪**

**''ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ'' ମାଥିଉ ୩:୨ ।**

**ପୁନଃରିକ୍ଷଣ**

୧. ଯୀଶୁଙ୍କ ମାତାଙ୍କ ନାମ ____________ ଥିଲା ।

୨. ଯୀଶୁଙ୍କ ଜନ୍ମ ଚତୁଃପାର୍ଶ୍ୱରେ ଏକ ଅଦ୍ଭୁତ ଘଟଣା ଥିଲା କାରଣ ସେ ____________ ଠାରୁ ଜନ୍ମି ଥିଲେ ।

୩. ପୂରାତନ ନିୟମରେ ମସୀହଙ୍କ ଜନ୍ମ ସମ୍ବନ୍ଧରେ ଅନେକ କଥନ ଅଛି ! ତା' ମଧ୍ୟରୁ ଗୋଟିଏ ହେଉଛି, ସେ ଇମ୍ମାନୁଏଲ କୁହାଯିବେ, ଏହାର ଅର୍ଥ ''ପରମେଶ୍ୱର'' ____________ ।

୪. ହେରୋଦ ଯିହୁଦାର ରାଜା ଥିଲେ, ଯେ ଯୀଶୁଙ୍କୁ ବିନାଶ କରିବାକୁ ଚେଷ୍ଟା କରିଥିଲେ । ସେ ବେଥଲିହିମ ଏବଂ ତା'ର ଚତୁଃପାର୍ଶ୍ୱରେ ଥିବା ନଗରର ଶିଶୁମାନଙ୍କୁ, ଯେଉଁମାନଙ୍କର ବୟସ ଦୁଇ ବା ତହିଁରୁ ଊଣା ଶିଶୁମାନଙ୍କୁ ____________ କଲା ।

୫. ଯୀଶୁଙ୍କ ସନ୍ଧାନ ପାଇଁ ଯାତ୍ରା କରିବା ପଣ୍ଡିତମାନେ ଏକ ____________କୁ ଅବଲମ୍ବନ କଲେ । ଏମାନେ ଅନ୍ୟ ମାର୍ଗ ଦେଇ ସ୍ୱଦେଶକୁ ଫେରିଗଲେ, କାରଣ ପରମେଶ୍ୱର ____________ ଦ୍ୱାରା ସେମାନଙ୍କୁ ପ୍ରତ୍ୟାଦେଶ ଦେଇଥିଲେ ଯେ, ହେରୋଦ ଯୀଶୁଙ୍କୁ ମାରିବାକୁ ଚାହୁଁଛନ୍ତି ।

୬. ଯୋଷେଫ ତାଙ୍କ ପରିବାରକୁ ନେଇ ମଧ୍ୟ ରାତ୍ରିରେ ମିସରକୁ ଯାତ୍ରା କଲେ । କାରଣ ହେରୋଦ ଯୀଶୁଙ୍କୁ ଅନ୍ୱେଷଣ କରୁଅଛି ବୋଲି ପରମେଶ୍ୱର ଯୋଷେଫଙ୍କୁ ____________ ଦ୍ୱାରା ପ୍ରତ୍ୟୋଦେଶ ଦେଇଥିଲେ ।

୭. ____________ଙ୍କ ଦ୍ୱାରା ଯୋଷେଫ ଜାଣିପାରିଲେ ଯେ, ସୁରକ୍ଷିତ ଭାବେ ଇସ୍ରାଏଲକୁ ବାହୁଡ଼ି ଯିବା ପାଇଁ । କିନ୍ତୁ ସେ ବେଥଲିହିମକୁ ନ ଯାଇ, ସେ ତାଙ୍କ ପରିବାର ସହିତ ଅନ୍ୟ ନଗରକୁ ଗଲେ, ଯାହାର ନାମ ____________ ଅଟେ ।

୮. ସମ୍ପୂର୍ଣ୍ଣ ଇତିହାସ ମାଧ୍ୟମରେ ସେ ଯାହା କରିଅଛନ୍ତି, ପରମେଶ୍ୱର ଆଜି ମଧ୍ୟ ତାଙ୍କ ____________ ପାଳନ କରନ୍ତି ।

୯. ଆମ୍ଭମାନଙ୍କ ____________ରେ କ'ଣ ଅଛି, ତାହା ପରମେଶ୍ୱର ଜାଣନ୍ତି, ତାହା ହୋଇପାରେ ଦୁଷ୍ଟାଚରଣ ।

୧୦. ଏକ ବ୍ୟକ୍ତି ଧାର୍ମିକ ହେବା, ବାଇବଲ ବିଷୟରେ ଅଧିକରୁ ଅଧିକ ଜାଣିବା ସମ୍ଭବ । କିନ୍ତୁ ନିଜ ବ୍ୟକ୍ତିଗତ ଜୀବନରେ ____________ଙ୍କୁ ଜାଣି ନ ଥାଉ ।

**''ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ'' ମାଥିଉ ୩:୨ ।**

ଏହି ବାକ୍ୟର ଘୋଷଣା ଯିହୂଦା ପ୍ରଦେଶର ପ୍ରାନ୍ତରରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିଲା । ସେହି ବ୍ୟକ୍ତି ଓଟ ଲୋମର ବସ୍ତ୍ର ପିନ୍ଧୁଥିଲେ ଓ କଟିରେ ଚର୍ମପଟୁକା ବାନ୍ଧୁଥିଲେ । ସେହି ବ୍ୟକ୍ତି କ୍ୟାରବ ବୃକ୍ଷର ଫଳ (ପଙ୍ଗପାଳ) ଓ ବନ ମଧୁ ଖାଉଥିଲେ । ତାଙ୍କ ନାମ ବାପ୍ତିଜକ ଯୋହନ ଥିଲା ।

ସେତେବେଳେ ଯର୍ଦ୍ଦନ ନିକଟବର୍ତ୍ତି ସମସ୍ତ ଅଞ୍ଚଳର ଲୋକ ତାଙ୍କ ବାକ୍ୟ ଶୁଣିବାକୁ ତାଙ୍କ ନିକଟକୁ ଆସିଲେ ଏବଂ ନିଜ ନିଜ ପାପ ସ୍ୱୀକାର କରି ତାଙ୍କ ଦ୍ୱାରା ବାପ୍ତିସ୍ମ ନେଲେ । ପ୍ରାନ୍ତରରେ କ'ଣ ହେଉଛି, ଦେଖିବା ପାଇଁ ଅନେକ ଧାର୍ମିକ ନେତା, ଫାରୂଶୀ ଓ ସାଦ୍ଦୁକିମାନେ ତାଙ୍କ ନିକଟକୁ ଗଲେ । ବାପ୍ତିଜକ ଯୋହନ ସେମାନଙ୍କୁ ତାଙ୍କ ନିକଟକୁ ଆସୁଥିବା ଦେଖି ସେମାନଙ୍କୁ କହିଲେ, ''ରେ କାଳସର୍ପର ବଂଶ'' କାରଣ ସେମାନେ ନିଜକୁ ଧାର୍ମିକ, ଉତ୍ତମ ସନ୍ତାନ ଓ ନିଷ୍ପାପି ମଣୁଥିଲେ । ତେଣୁ ସେମାନେ ପାପ କ୍ଷମା ନିମିତ ମନପରିବର୍ତ୍ତନ କରିବା ଅନାବଶ୍ୟକ ଭାବୁଥିଲେ ।

ଯେତେବେଳେ ଯୋହନ ପ୍ରଚାର କରୁଥିଲେ, ସେହି ସମୟରେ ଯୀଶୁ ଯୋହନଙ୍କ ନିକଟକୁ ଆସି ତାଙ୍କୁ ବାପ୍ତିସ୍ମ ଦେବାକୁ କହିଲେ । ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେବାକୁ ଇଚ୍ଛା ପ୍ରକଟ କଲେ ନାହିଁ, କାରଣ ସେ ଯୀଶୁଙ୍କ ସମ୍ମୁଖରେ ନିଜକୁ ଅଯୋଗ୍ୟ ମଣୁଥିଲେ । କିନ୍ତୁ ଯୀଶୁଙ୍କ ପରାମର୍ଶରେ ସମ୍ମତ ହୋଇ ସେ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ । ଯେତେବେଳେ ଯୀଶୁ ଜଳରୁ ଉର୍ଦ୍ଧ୍ୱକୁ ଆସିଲେ, ସେହିକ୍ଷଣି ପରମେଶ୍ୱରଙ୍କ ଆତ୍ମା କପୋତ ରୂପେ ତାଙ୍କ ଉପରେ ଅଧିଷ୍ଠାନ କଲେ, ଆଉ ଦେଖ ଉଚ୍ଚ ସ୍ୱରରେ ଏହି ବାଣୀ ଆକାଶରୁ ଶୁଣାଗଲା, ''ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।''

ସେତେବେଳେ ପବିତ୍ର ଆତ୍ମା ଯୀଶୁଙ୍କୁ ପ୍ରାନ୍ତରକୁ ଘେନିଗଲେ, ଯେପରି ସେ ଶୟତାନ ଦ୍ୱାରା ପରିକ୍ଷିତ ହୁଅନ୍ତି । ସେ ଚାଳିଶ ଦିନ ଓ ରାତି ଉପବାସ କରି ଶେଷରେ କ୍ଷୁଧିତ ହେଲେ । ଆଉ ସେହି ସମୟରେ ପରିକ୍ଷକ ଶୟତାନ ଯୀଶୁଙ୍କ ନିକଟକୁ ଆସି ପରିକ୍ଷା କରିବାକୁ ଲାଗିଲା ।

ବାଇବଲ କହେ ଯେ, ପ୍ରାନ୍ତରରେ ଯୀଶୁ ଶୟତାନ ଦ୍ୱାରା ତିନି ଥର ପରିକ୍ଷିତ ହେଲେ । ପ୍ରଥମ ପରିକ୍ଷାରେ ପଥରଗୁଡ଼ାକୁ ରୋଟିରେ ବଦଳାଇ ଦେବା ପାଇଁ, ତଦ୍ଦ୍ୱାରା ଯେ ସେ ନିଜକୁ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ତାକୁ ଉତ୍ତର ଦେଲେ । ଦ୍ୱିତୀୟଥର ଶୟତାନ ଯୀଶୁଙ୍କୁ ପୁଣ୍ୟ ନଗରିର ସର୍ବୋଚ୍ଚ ଛାତ ଉପରକୁ ଘେନିଯାଇ କହିଲା, ଯଦି ତୁମେ ଈଶ୍ୱରଙ୍କ ପୁତ୍ର ଅଟ, ତଳକୁ ଡେଇଁ ପଡ଼ । କିନ୍ତୁ ଯୀଶୁ ପୁନର୍ବାର ତାକୁ ପରମେଶ୍ୱରଙ୍କ ଲିଖିତ ବାକ୍ୟ ବିଷୟ ଦ୍ୱାରା ଉତ୍ତର ଦେଲେ । ଶେଷରେ ଶୟତାନ ଯୀଶୁଙ୍କୁ ଗୋଟିଏ ଉଚ୍ଚ ପାହାଡ଼କୁ ଘେନିଗଲେ ଆଉ କହିଲା, ତୁମ୍ଭେ ଯେବେ ଆମ୍ଭକୁ ଭୂମିଷ୍ଠ ପ୍ରଣାମ କରିବ, ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭକୁ ଦେବା । ସେଥିରେ ଯୀଶୁ ଶୟତାନକୁ ଉତ୍ତର ଦେଲେ, ''ତୁମ୍ଭେ ଆପଣା ପରମେଶ୍ୱରଙ୍କୁ ପ୍ରଣାମ କର ଏବଂ ମାତ୍ର ତାହାଙ୍କର ଉପାସନା କର ।'' ସେଥିରେ

ଶୟତାନ ଯୀଶୁଙ୍କୁ ପରିତ୍ୟାଗ କରି ଚାଲିଗଲା ଏବଂ ସ୍ୱର୍ଗୀୟ ଦୂତମାନେ ଆସି ଯୀଶୁଙ୍କର ସେବା କଲେ ।

ପ୍ରାନ୍ତରରୁ ଫେରିଲା ପରେ ଯୀଶୁ ଶୁଣିଲେ ଯେ, ବାପ୍ତିଜକ ଯୋହନ ବନ୍ଦିତ୍ୱା ଅବସ୍ଥାରେ ଅଛନ୍ତି, ତେବେ ସେ ଗାଲିଲୀୟ ପ୍ରାନ୍ତ ଯାହା ଯିହୂଦା ପ୍ରଦେଶର ଉତ୍ତରରେ, ସେଠାକୁ ଚାଲିଗଲେ । କିନ୍ତୁ ସେ ତାଙ୍କ ବାଲ୍ୟକାଳର ଶହରକୁ ଛାଡ଼ି କଫର୍ନାହୂମକୁ ଚାଲିଗଲେ । ଯେଣୁ ଯିଶାଇୟ ଭବିଷ୍ୟତ୍‌ବକ୍ତାଙ୍କ ଉକ୍ତ ଏହି ବାକ୍ୟ ସଫଳ ହୁଏ, ସବୂଲୂନ ଓ ନପ୍ତାଲି ଦେଶ, ସମୁଦ୍ର ନିକଟବର୍ତ୍ତି ଓ ଯର୍ଦ୍ଦନର ଅପର ପାରିର ବିଜାତିମାନଙ୍କ ଗାଲିଲୀ, ଅନ୍ଧକାର ବାସୀ ଲୋକେ, ମହା ଆଲୋକ ଦର୍ଶନ କଲେ । ଆଉ ମୃତ୍ୟୁର ଅଞ୍ଚଳ ଓ ଛାୟାରେ ଅବସ୍ଥିତ ଲୋକଙ୍କ ନିମନ୍ତେ ଆଲୋକ ଉଦିତ ହେଲା ।

ବାଇବଲ କହେ, ଯୀଶୁ ସେହି ନଗରରୁ ସୁସମାଚାର ପ୍ରଚାର କାର୍ଯ୍ୟ ଲୋକମାନଙ୍କଠାରେ ଆରମ୍ଭ କଲେ । ଯେଉଁ ସନ୍ଦେଶ, ସେ ପ୍ରଚାର କଲେ ତାହା ଏହି, ‘‘ମନପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।’’

## ମୌଖୀକ ପ୍ରଶ୍ନ

୧. ବାପ୍ତିଜକ ଯୋହନଙ୍କ ବିଷୟରେ ବର୍ଣ୍ଣନା କର ।

୨. ବାପ୍ତିଜକ ଯୋହନଙ୍କର ସମ୍ବାଦ କ’ଣ ଥିଲା ?

୩. ଯେଉଁମାନେ ପାପରୁ ମନପରିବର୍ତ୍ତନ କରୁଥିଲେ, ଯୋହନ ସେମାନଙ୍କୁ କ’ଣ କରୁଥିଲେ ?

୪. ବାପ୍ତିଜକ ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେବାକୁ କାହିଁକି ନାସ୍ତି କଲେ ?

୫. ଯୀଶୁ ଯେତେବେଳେ ଜଳରୁ ଊର୍ଦ୍ଧ୍ୱକୁ ଉଠିଲେ, ସେତେବେଳେ କ’ଣ ଘଟିଲା ?

୬. ଯୀଶୁ ପ୍ରାନ୍ତରକୁ କାହିଁକି ଗଲେ ?

୭. ଚାଳିଶ ଦିନ ଓ ଚାଳିଶ ରାତ୍ରି ଯୀଶୁ କ’ଣ କଲେ ?

୮. ଶୟତାନର ପରୀକ୍ଷା ମଧ୍ୟରୁ ଗୋଟିଏ କୁହନ୍ତୁ ?

୯. ବାପ୍ତିଜକ ଯୋହନଙ୍କର ବନ୍ଦୀ ହୋଇଯିବାର ଖବର ଶୁଣି ଯୀଶୁ କେଉଁଠାକୁ ଗଲେ ?

୧୦. ଯୀଶୁ ଏବଂ ବାପ୍ତିଜକ ଯୋହନଙ୍କର ସମ୍ବାଦ ଗୋଟିଏ ଥିଲା, ତାହା କ’ଣ ?

## ଆତ୍ମିକ ସତ୍ୟ : ଅଧ୍ୟାୟ – ୨

### ମାଥିଉ ୩–୪

୧. ବାପ୍ତିଜକ ଯୋହନ ଏବଂ ଯୀଶୁଙ୍କର ସମ୍ବାଦ ଏକ ସମାନ ଥିଲା । ''ମନପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।''

- ମନ ପରିବର୍ତ୍ତନର ଅର୍ଥ ହେଉଛି, ନିଜ ଜୀବନର ପାପରୁ ଫେରିବା । ନିଜ ଜୀବନର ନିୟନ୍ତ୍ରଣ ସଂପୂର୍ଣ୍ଣ ରୂପେ ଯୀଶୁଙ୍କୁ ସମର୍ପଣ କରିବା । ଆପଣାର ପାପ ସବୁ ଉଠେଇ ନେବାକୁ ତାଙ୍କୁ ଅନୁମତି ଦେବା ।
- ମନ ପରିବର୍ତ୍ତନ କରିବାକୁ ଆମ୍ଭମାନଙ୍କର ଆବଶ୍ୟକ କ'ଣ ? ଧର୍ମଶାସ୍ତ୍ର ବାଇବଲ କହେ, ଆମ୍ଭେମାନେ ସମସ୍ତେ ଆମ୍ଭମାନଙ୍କ ଜୀବନରେ ପାପ କରିଅଛୁ । ''ପାପ'' ତାଙ୍କ ବ୍ୟବସ୍ଥାର ଉଲଙ୍ଘନ ଅଟେ । ଉଦାହରଣ ସ୍ୱରୂପେ : ହତ୍ୟା କରିବା, ଚୋରି କରିବା, ମିଥ୍ୟା କହିବା, ଅହଂକାର କରିବା, ଶାରୀରିକ ଅଭିଳାଷ ଇତ୍ୟାଦି, ଆଜ୍ଞାର ଉଲଙ୍ଘନ ଅଟେ ।
- କ'ଣ ଜଣେ ବ୍ୟକ୍ତି ମନଫେରଣ କରିବା କଷ୍ଟକର ବିଷୟ ? ତୁମ୍ଭମାନଙ୍କ ପାଇଁ ଏହି ବାକ୍ୟର ଅର୍ଥ କ'ଣ ? ଏହି ବିଚାରଧାରାକୁ ତୁମ୍ଭମାନଙ୍କ ମଧ୍ୟରେ ବିଚାର–ବିମର୍ଶ କରି ଦେଖନ୍ତୁ । ପ୍ରତ୍ୟେକଙ୍କୁ ଏହି ବିଚାରଧାରାର ସୁଯୋଗ ମିଳିବା ଦରକାର ।

୨. ଧାର୍ମିକ ନେତାମାନେ ଭାବିଲେ କି, ସେମାନଙ୍କର ଧର୍ମର କାରଣରୁ ସେମାନେ ମନଫେରଣ କରିବା ଆବଶ୍ୟକ ନାହିଁ । ସେମାନେ ଭାବିଲେ ଯେ, ଆମ୍ଭେମାନେ ଉତ୍କୃଷ୍ଟ ଅଟୁ । ଯୋହନ ସେପ୍ରକାର ଲୋକମାନଙ୍କୁ କାଳ ସର୍ପର ସନ୍ତାନ ବୋଲି କହିଲେ । ଏହି ସଂସାରରେ କ'ଣ କେହି ଅଛି, ଯିଏ ଅଧିକ ଧାର୍ମିକ ଏବଂ ଉତ୍କୃଷ୍ଟ ଅଟେ, ଆଉ ସେ ପାପରୁ ମନ ଫେରଣ କରିବା ଆବଶ୍ୟକ ନୁହେଁ ।

* ରୋମୀୟ ୩:୨୩ରେ ବାଇବଲ କହେ, ''ଯାହାର ଜୀବନରେ କୌଣସି ପାପ ନାହିଁ, ଏପରି କେହି ଅଛି, ଯିଏ ପରମେଶ୍ୱରଙ୍କ ସ୍ୱଭାବ ଏବଂ ବିଚାରର ଉଲଙ୍ଘନ କରି ନାହିଁ ? ବାଇବଲ କହେ ''ନାହିଁ'' । ତୁମେ କ'ଣ ବାଇବଲ ସହିତ ସହମତ ଅଟ ଯେ, ଆମ୍ଭେମାନେ ସମସ୍ତେ ଆପଣା ଆପଣା ଜୀବନରେ ପାପ କରିଅଛୁ ।

* ତଥାପି ଏହା ମହତ୍ତ୍ୱପୂର୍ଣ୍ଣ ଅଟେ ଯେ, ଏହି ବିଷୟ ଉପରେ ପରମେଶ୍ୱରଙ୍କ ବାକ୍ୟକୁ ଖଣ୍ଡନ କରିବାକୁ ପ୍ରତ୍ୟେକଙ୍କୁ ଅବସର ଦିଆଯାଉ । ଜଣେ ପଥ ପ୍ରଦର୍ଶକ ହିସାବରେ ତର୍କ କର ନାହିଁ, କିଅବା ଅନ୍ୟ କେହି ତର୍କ ନ କରୁ । କିନ୍ତୁ ପ୍ରତ୍ୟେକେ ନିଜ ଭାବନା ବ୍ୟକ୍ତ କରିବାକୁ ଦିଆଯାଉ ।

୩. ଯୀଶୁ ବାପ୍ତିସ୍ମ ଗ୍ରହଣ କରିଥିଲେ ସତ, କିନ୍ତୁ ସେ ପରମେଶ୍ୱର ହୋଇଥିବାରୁ କେବେ ପାପ କରି ନାହାନ୍ତି ।

ଏହା ଆମ୍ଭମାନଙ୍କୁ ବୁଝାଏ ଯେ, ବାପ୍ତିସ୍ମ ଧର୍ମ ସଂସ୍କାର ନୁହେଁ, ଯାହାଦ୍ୱାରା ଜଣେ ବ୍ୟକ୍ତିର ଜୀବନରୁ ପାପ ଦୂରେଇ ଯିବ । ଯଦି ବାପ୍ତିସ୍ମର ଉଦ୍ଦେଶ୍ୟ ଜଣେ ବ୍ୟକ୍ତିର ପାପକୁ ଧୌତ କରିବା ହୋଇଥାଆନ୍ତି । ତେବେ ଯୀଶୁ ବାପ୍ତିଜିତ ହୋଇ ନ ଥାନ୍ତେ । କାରଣ ସେ ପରମେଶ୍ୱର ହୋଇଥିବାରୁ କେବେ ହେଁ ପାପ କରି ନାହାନ୍ତି ।

୪. ଯେବେ ସେ ଜଳରୁ ଉଠିଲେ, ସେତେବେଳେ ପବିତ୍ର ଆତ୍ମା କପୋତ ସଦୃଶରେ ତାଙ୍କ ଉପରକୁ ଅବତରଣ କଲା । ଆଉ ସ୍ୱର୍ଗୀୟ ପିତା, ସ୍ୱର୍ଗରୁ ଏହା କହିଲେ, ''ଏ ଆମ୍ଭର ପ୍ରିୟ ପୁତ୍ର, ଏହାଠାରେ ଆମ୍ଭର ପରମ ସନ୍ତୋଷ । ଏଠାରେ ଆମ୍ଭେ ଦେଖୁ ଯେ, ତ୍ରିଏକ ପରମେଶ୍ୱରଙ୍କ ତିନୋଟି ବ୍ୟକ୍ତିତ୍ୱ । ତାହା କ'ଣ ?

**''ପିତା ପରମେଶ୍ୱର, ପୁତ୍ର ପରମେଶ୍ୱର ଏବଂ ପବିତ୍ର ଆତ୍ମା ପରମେଶ୍ୱର ।''**

୫. ଶୟତାନ ଦ୍ୱାରା ପରିକ୍ଷିତ ହେବା ପାଇଁ ଯୀଶୁ ପ୍ରାନ୍ତରକୁ ନୀତ ହେଲେ । ଶୟତାନ ବାସ୍ତବ ଅଟେ, ସେ ଏକ ଆତ୍ମା ଅଟେ, ଯିଏ ଏହି ଜଗତରେ ବିଦ୍ୟମାନ ଅଟେ, ତାକୁ ଅନୁକରଣ କରୁଥିବା ଅନେକ ଆତ୍ମା ଅଛନ୍ତି, ଯାହାଙ୍କୁ ଦୁଷ୍ଟ ଆତ୍ମା କୁହାଯାଏ । ପରମେଶ୍ୱରଙ୍କ ଆଜ୍ଞା ଉଲଙ୍ଘନ କରିବା ପାଇଁ ପ୍ରବର୍ତ୍ତାଇ ଆମ୍ଭମାନଙ୍କ ଜୀବନକୁ ବିନାଶ କରିବାକୁ ଉଦ୍ୟତ । ଯେପରି ସେ ଯୀଶୁଙ୍କୁ ପରୀକ୍ଷା କରିଥିଲା, ସେପରି ସେ ଆମ୍ଭମାନଙ୍କୁ ମଧ୍ୟ ପରୀକ୍ଷା କରିଥାଏ । ବାଇବଲ କହେ ଆମ୍ଭେମାନେ ମଧ୍ୟ ମସୀହଙ୍କ ସଦୃଶ ପରୀକ୍ଷିତ ହୋଇଥାଉ । କିନ୍ତୁ ଆମ୍ଭମାନଙ୍କର ପରୀକ୍ଷା ଆମର ପାପର କାରଣରୁ ଅଥବା ପରମେଶ୍ୱରଙ୍କୁ ସନ୍ତୋଷଜନକ ନ ହୋଇଥିଲେ, ଆମ୍ଭମାନଙ୍କ ହୃଦୟରେ ଥିବା ଦୁଷ୍ଟତାର କାରଣରୁ ହୋଇଥାଏ ।

୬. ''ଯୀଶୁ'' ଅନ୍ଧକାରରେ ବାସ କରୁଥିବା ଲୋକ ସମାଜ ପ୍ରତି ଏକ ମହାଜ୍ୟୋଃତି ବୋଲି ଯିଶାଇୟ ଭବିଷ୍ୟତ୍‌ବକ୍ତା କହିଥିଲେ । ତତ୍ ସଙ୍ଗେ ସଙ୍ଗେ, ଯେଉଁମାନେ ମୃତ୍ୟୁଛାୟାର ଉପତ୍ୟାକାରେ ବାସ କରନ୍ତି ସେମାନଙ୍କ ପାଇଁ ମଧ୍ୟ ।

ମସୀହଙ୍କ ବିନା ଆମେ ସମସ୍ତେ ଅନ୍ଧକାର ବାସି । ହୋଇପାରେ ମୁଁ ବା ଆପଣମାନଙ୍କ ମଧ୍ୟରେ କେହି ମୃତ୍ୟୁଛାୟାରେ ବାସ କରିବା ପସନ୍ଦ କରିଥାଇ ପାରୁ । ନିଶା ସେବନରୁ, ଅନୈତିକ ସମ୍ବନ୍ଧରୁ ଅଥବା ହିଂସାରୁ ଦଣ୍ଡିତ ହେବା କାରଣରୁ ଅନେକ ବ୍ୟକ୍ତି ସେହି ଉଚିଷ୍ଟ ସ୍ଥାନରେ ଥାଆନ୍ତି । ବାକ୍ୟ ଆମ୍ଭମାନଙ୍କୁ କହେ ଯେ, ଆମ୍ଭେମାନେ ଅନ୍ଧକାରରେ ଥିବାରୁ ଯୀଶୁ ଆମ୍ଭମାନଙ୍କୁ ଆଲୋକ ଦେବା ନିମନ୍ତେ ଆସିଲେ । ଆଉ ଯେଉଁମାନେ ମୃତ୍ୟୁ ଛାୟାରେ ଅଛନ୍ତି ସେମାନଙ୍କୁ ସ୍ୱତନ୍ତ୍ରତା ଦେବା ନିମନ୍ତେ ।

* ଆଜିର ପ୍ରାର୍ଥନା ସମୟରେ ଆସନ୍ତୁ ଆମ୍ଭେମାନେ ସେହି ପ୍ରିୟମାନଙ୍କ ପାଇଁ ପ୍ରାର୍ଥନା କରୁ, ଯେଉଁମାନେ ମୃତ୍ୟୁଛାୟାରେ ଜୀବନଯାପନ କରୁଅଛନ୍ତି । ଯେପରିକି ସେମାନେ ଯୀଶୁ, ମସୀହଙ୍କର ଜ୍ୟୋଃତି ଓ ସ୍ୱତନ୍ତ୍ରତାରେ ବାସ କରିପାରିବେ ।

# ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍‌ଙ୍କ ଦ୍ୱାରା

## ''ଯୀଶୁଙ୍କ ଆଶ୍ଚର୍ଯ୍ୟକର୍ମ'' ଅଧ୍ୟାୟ – ୩

**ମାଥିଉ ୪–୯**

**''ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି'' ମାଥିଉ ୪:୧୯ ।**

**ପୁନଃରିକ୍ଷଣ**

୧. ଯୀଶୁଙ୍କର ଆଗମନ ବିଷୟ ଯୋଷେଫଙ୍କୁ କିଏ କହିଲା ? ଆଉ ତାଙ୍କ ନାମ ''ଇମ୍ମାନୁଏଲ'' ଅଥବା ''ଆମ୍ଭମାନଙ୍କ ସହିତ ପରମେଶ୍ୱର'' ହେବ ବୋଲି ଯୋଷେଫଙ୍କୁ କିଏ କହିଲା ? ଏହା ଆମ୍ଭମାନଙ୍କୁ ଶିଖାଏ ଯେ ଯୀଶୁ ____________ ଆମ୍ଭମାନଙ୍କ ସହିତ ଅଟନ୍ତି ।

୨. ଶିଶୁ ଯୀଶୁଙ୍କୁ କିଏ ମାରିବାକୁ ଚାହୁଁଥିଲା ? କାହିଁକି ? ଯୀଶୁ ସୁରକ୍ଷା ପାଇଲେ, ସେମାନେ ____________କୁ ଚାଲିଗଲେ ।

୩. କିଏ ଯୀଶୁଙ୍କୁ ବାପ୍ତିସ୍ମ ଦେଲେ ? ଯୀଶୁଙ୍କ ବାପ୍ତିସ୍ମର ବାସ୍ତବିକତା ଆମକୁ ଜଣାଏ ଯେ, ବାପ୍ତିସ୍ମ ଆମ ଜୀବନର ____________କୁ ପ୍ରକ୍ଷାଳନ କରେ ନାହିଁ ।

୪. ଯେତେବେଳେ ଯୀଶୁ ଜଳରୁ ଉର୍ଦ୍ଧ୍ୱକୁ ଉଠିଲେ ଏକ କପୋତାକାରରେ ସ୍ୱର୍ଗରୁ ଅବତରଣ କଲେ ଏବଂ ସ୍ୱର୍ଗରୁ ଏକ ବାଣୀ ହେଲା । କପୋତ କିଏ ଥିଲେ ଏବଂ କାହାର ବାଣୀ ସ୍ୱର୍ଗରୁ ହେଲା ?

୫. ଫାରୂଶୀମାନଙ୍କ ମତରେ ସେମାନେ ଧର୍ମ ପରାୟଣ, ଏଣୁ ସେମାନେ ପାପରୁ ପଶ୍ଚାତାପ କରିବା ଅନାବଶ୍ୟକ । ଧାର୍ମିକ ଗଣିତ ହେଲେ, କ'ଣ ପାପରୁ ରକ୍ଷା ପାଇବା ସମ୍ଭବ ?

୬. ''ମନ ପରିବର୍ତ୍ତନ କର'' ଏହାର ଅର୍ଥ କ'ଣ ?

୭. ପାପ କ'ଣ ଅଟେ ?

୮. ପ୍ରାନ୍ତରରେ କିଏ ଯୀଶୁଙ୍କୁ ପରୀକ୍ଷା କଲା ?

୯. ପ୍ରାନ୍ତରରୁ ଯୀଶୁ କେଉଁଠାକୁ ଗଲେ ?

ଯୀଶୁ ଯେତେବେଳେ ଗାଲୀଲି ହ୍ରଦ ଦେଇ ଯାଇଥିଲେ, ସେ ଦୁଇଜଣ ମାଛ ଧରୁଥିବା ଲୋକଙ୍କୁ ଭେଟିଲେ । ଆଉ ତାଙ୍କୁ ଡାକି କହିଲେ, ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି । ସେମାନେ ନିଜ ଜାଲ ଛାଡ଼ି ତାଙ୍କୁ ଅନୁଗମନ କଲେ । ଏହି ପ୍ରକାରେ ଯୀଶୁ ସର୍ବ ପ୍ରଥମେ ଚାରିଜଣ ଶିଷ୍ୟଙ୍କୁ ଆହ୍ୱାନ କଲେ । ପିତର, ଆନ୍ଦ୍ରିୟ, ଯାକୁବ ଓ ଯୋହନ । ଏମାନେ ସମସ୍ତେ ମାଛ ଧରୁଥିବା ବ୍ୟକ୍ତି ଥିଲେ ।

ଯୀଶୁ ସମଗ୍ର ଗାଲୀଲି ପ୍ରାନ୍ତରେ ଭ୍ରମଣ କରି ଓ ସେମାନଙ୍କ ଉପାସନାଳୟରେ ଉପଦେଶ ଦେଉଥିଲେ ଏବଂ ସ୍ୱର୍ଗରାଜ୍ୟର ସୁସମାଚାର ପ୍ରଚାର କରି ଲୋକମାନଙ୍କର ଦୁର୍ବଳତା ଏବଂ ରୋଗକୁ ଦୂର କରୁଥିଲେ । ସେ ଯେଉଁଠାକୁ ଯାତ୍ରା କରୁଥିଲେ ତାଙ୍କ ପଛେ ପଛେ ମହାଜନତାର ଭିଡ଼ ଉବୁଡ଼ି ପଡୁଥିଲେ ।

ଜଣେ କୁଷ୍ଠ ରୋଗୀ ତାଙ୍କ ନିକଟକୁ ଆସି ପ୍ରଣାମ କରି ଉଚ୍ଚ ସ୍ୱରରେ ଡାକି କହିଲା, ହେ ପ୍ରଭୁ ଆପଣ ଯଦି ଚାହାନ୍ତି ମୋତେ ଶୁଚି କରିପାରନ୍ତି । ତେବେ ଯୀଶୁ କହିଲେ, ''ମୁଁ ଚାହେଁ, ତୁମେ ଶୁଚି ହୁଅ ।'' ଆଉ ତତ୍‌କ୍ଷଣାତ ସେହି କୁଷ୍ଠରୋଗୀ ଶୁଚି ହୋଇଗଲା ।

ଜଣେ ରୋମ୍ ସୈନ୍ୟାଧିକାରୀ ଯୀଶୁଙ୍କ ନିକଟକୁ ଆସିଲେ । ତାଙ୍କର ଜଣେ ଦାସ ପକ୍ଷାଘାତ ରୋଗରେ ପୀଡ଼ିତ ଓ ଅନେକ ଦୁଃଖ ଭୋଗ କରୁଥିଲେ, ସେ ଯୀଶୁଙ୍କର ସାମର୍ଥ୍ୟକୁ ବିଶ୍ୱାସ କରିଥିଲେ । ଯୀଶୁ ତାଙ୍କୁ କହିଲେ, ''ମୋର ସମସ୍ତ ପ୍ରଜା ସମସ୍ତ ଦେଶରୁ ଆସି ସ୍ୱର୍ଗରାଜ୍ୟରେ ଏକତ୍ର ଭୋଜନ ପାନ କରିବେ ।'' ଯୀଶୁ ଏହା କହିଥିବା ସେହି ଘଡ଼ିରେ ସେହି ଦାସ ସୁସ୍ଥ ହୋଇଥିଲେ ।

ହ୍ରଦର ସେପାରିରେ ସେ ଉପସ୍ଥିତ ହୁଅନ୍ତେ, ଦୁଇଜଣ ଭୂତଗ୍ରସ୍ତ ସମାଧି ସ୍ଥାନରୁ ବାହାରି ତାଙ୍କୁ ଭେଟିଲେ । ସେମାନେ ଏପରି ଦୁର୍ଦ୍ଦାନ୍ତ ଥିଲେ ଯେ, ସେହିବାଟ ଦେଇ କେହି ଯିବା ଆସିବା କରିପାରୁ ନ ଥିଲେ । ଆଉ ସେମାନେ ଚିତ୍କାର କରି କହିଲେ, ''ହେ ଈଶ୍ୱରଙ୍କ ପୁତ୍ର, ତୁମ ସାଙ୍ଗରେ ଆମ୍ଭମାନଙ୍କର କ'ଣ ଅଛି । ସମୟ ନ ହେଉଣୁ କି ଆମ୍ଭମାନଙ୍କୁ ଯନ୍ତ୍ରଣା ଦେବା ପାଇଁ ଏଠାକୁ ଆସିଲ ।''

ଭୂତଗୁଡ଼ାକ ଯୀଶୁଙ୍କୁ ବିନତି କରି କହିଲେ, ଯେବେ ଆମ୍ଭମାନଙ୍କୁ ଛଡ଼ାଅ, ଘୁଷୁରି ପଲ ଭିତରକୁ ପଠାଇ ଦିଅ । କାରଣ ସେହି ସ୍ଥାନର କିଛି ଦୂରରେ ଘୁଷୁରି ପଲ ଚରୁଥିଲେ । ଯୀଶୁ ସେହି ଭୂତମାନଙ୍କୁ କହିଲେ, ''ଯାଅ'' । ସେଥିରେ ସେମାନେ ବାହାରି ଘୁଷୁରିଗୁଡ଼ାକ ଭିତରେ ପଶିଲେ । ଆଉ ଦେଖ ପଲକ୍ଷକ ଅତି ବେଗରେ ତୀଖ ସ୍ଥାନ ଦେଇ ସମୁଦ୍ରରେ ପଡ଼ି ବୁଡ଼ି ମଲେ ।

ଘୁଷୁରି ପଲ ଚରାଉଥିବା ଲୋକମାନେ ନଗରରେ ପ୍ରବେଶ କରି ସମସ୍ତ ଘଟଣା ନଗରବାସୀଙ୍କୁ ଜଣାଇଲେ । ଆଉ ନଗରର ସମସ୍ତ ଲୋକ ଆସି ଯୀଶୁଙ୍କ ତାଙ୍କ ନଗରର ସୀମାରୁ ବାହାରି ଯିବାକୁ ବିନତି କଲେ ।

ସେଥିରେ ସେ ନୌକାରେ ଚଢ଼ି ପାର ହୋଇ ନିଜ ନଗରକୁ ଆସିଲେ । ଯୀଶୁ ନିଜ ନଗରରୁ ଯାଉ ଯାଉ ମାଥିଉ ନାମକ ଜଣେ କରଆଦାୟକାରୀଙ୍କୁ ବସିଥିବା ଦେଖି, ତାଙ୍କୁ କହିଲେ, ''ମୋହର ଅନୁଗମନ କର ।'' ସେଥିରେ ସେ ଉଠି ତାହାଙ୍କର ଅନୁଗମନ କଲା ।

ଯୀଶୁ ଘରେ ଭୋଜନ କରିବାକୁ ବସିବା ସମୟରେ ଅନେକ କରଗ୍ରାହୀ ଏବଂ ପାପୀ ଆସି ତାହାଙ୍କ ଓ ତାହାଙ୍କ ଶିଷ୍ୟମାନଙ୍କ ସହିତ ବସିଲେ । ଫାରୂଶୀମାନେ ଏହା ଦେଖି ଶିଷ୍ୟମାନଙ୍କୁ କହିବାକୁ ଲାଗିଲେ, ''ଆପଣଙ୍କ ଗୁରୁ କାହିଁକି କରଗ୍ରାହୀ ଓ ପାପୀମାନଙ୍କ ସଙ୍ଗରେ ଭୋଜନ କରନ୍ତି ?

ଯୀଶୁ ଏହା ଶୁଣି ସେମାନଙ୍କୁ କହିଲେ, ‘‘ସୁସ୍ଥ ଲୋକମାନଙ୍କର ବୈଦ୍ୟଠାରେ ପ୍ରୟୋଜନ ନାହିଁ, ମାତ୍ର ଅସୁସ୍ଥ ଲୋକମାନଙ୍କର ଆବଶ୍ୟକ ଅଛି । ତୁମ୍ଭେ ଯାଇ ଏହାର ଅର୍ଥ ଶିଖ । ମୁଁ ବଳିଦାନ ନାହିଁ, କିନ୍ତୁ ଦୟା ଭଲପାଏ । କାରଣ ମୁଁ ଧାର୍ମିକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିନାହିଁ, ମାତ୍ର ପାପୀମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିଅଛି । ମନ ପରିବର୍ତ୍ତନ କରିବା ପାଇଁ ।’’

## ମୌଖୀକ ପ୍ରଶ୍ନ

୧. ଯୀଶୁଙ୍କର ପ୍ରଥମ ଶିଷ୍ୟମାନେ କି ବ୍ୟବସାୟୀ ଥିଲେ ?

୨. ଯେବେ ଯୀଶୁ ସେମାନଙ୍କୁ ଡାକିଲେ, ସେମାନେ କ’ଣ କଲେ ?

୩. ଯୀଶୁ ଗାଲୀଲିର ସମସ୍ତ ଅଞ୍ଚଳରେ ଭ୍ରମଣ କରୁଥିଲେ । ଆଉ ଲୋକଗହଳ ତାଙ୍କ ପଛେ ଗମନ କରୁଥିଲେ । ସେହି ପ୍ରକାର ନମ୍ରମାନଙ୍କ ପ୍ରତି ସେ କ’ଣ କରୁଥିଲେ ?

୪. ରୋମ ସେନାଧିକାରୀର ଦାସକୁ କ’ଣ ସମସ୍ୟା ଥିଲା ?

୫. ଦୁଷ୍ଟ ଆତ୍ମାଗ୍ରାସୀତ ଲୋକମାନେ କେଉଁଠାରେ ରହୁଥିଲେ ? ସେମାନେ କି ପ୍ରକାର ଲୋକ ଥିଲେ ?

୬. ଯେବେ ଦୁଷ୍ଟ ଆତ୍ମାଗୁଡ଼ିକ ଯୀଶୁଙ୍କୁ ଦେଖିଲେ, ସେମାନେ କ’ଣ କଲେ ?

୭. ଦୁଷ୍ଟ ଆତ୍ମାମାନଙ୍କୁ କ’ଣ ଘଟିଲା, ଯେବେ ସେମାନେ ଦୁଷ୍ଟାତ୍ମାଗ୍ରସ୍ତ ମନୁଷ୍ୟମାନଙ୍କୁ ଛାଡ଼ିଦେଲେ ?

୮. ଘୁଷୁରିମାନଙ୍କ ସହିତ କ’ଣ ଘଟିଲା ?

୯. ଘୁଷୁରି ପାଳକମାନଙ୍କର କିପ୍ରକାର ପ୍ରତିକ୍ରିୟା ଥିଲା ?

୧୦. ମାଥିଉ କିପ୍ରକାର ଲୋକ ଥିଲେ ?

୧୧. କିପ୍ରକାର ଲୋକମାନଙ୍କ ସହିତ ପ୍ରଭୁ ରାତ୍ରି ଭୋଜନ କଲେ ?

୧୨. ସେଥିରେ ଫାରୂଶୀମାନେ କ’ଣ ଭାବିଲେ ?

୧୩. ଯୀଶୁ ଫାରୂଶୀମାନଙ୍କୁ କିପ୍ରକାର ଉତ୍ତର ଦେଲେ ?

## ଆତ୍ମିକ ସତ୍ୟ : ଅଧ୍ୟାୟ – ୩

### ମାଥିଉ ୪–୯

୧. **ଯୀଶୁ ବିଭିନ୍ନ ପ୍ରକାର ଲୋକଙ୍କ ମଧ୍ୟରେ ପାର୍ଥକ୍ୟତା ରଖି ନ ଥିଲେ ।**

- ଯୀଶୁଙ୍କର ପ୍ରଥମ ଶିଷ୍ୟମାନେ ମତ୍ସ୍ୟଜୀବି ଥିଲେ ଏବଂ ଅଶିକ୍ଷିତ ଓ ସାଧାରଣ ଲୋକ ଥିଲେ ।
- କୁଷ୍ଠରୋଗୀ ବ୍ୟକ୍ତି ସମାଜରୁ ବହିଷ୍କୃତ, ଏକ ପ୍ରକାର ଚର୍ମରୋଗରୁ କୁରୂପରେ ପରିବର୍ତ୍ତିତ ଓ ଘୃଣିତ ।
- ରୋମ ସେନାଧିକାରୀର ଦାସ ଜଣେ ପଙ୍ଗୁ, ଦରିଦ୍ର ଧନହୀନ ଏବଂ ସମାଜରେ ନିମ୍ନ ସ୍ତରର ବ୍ୟକ୍ତି ।
- ମାଥିଉ ଜଣେ କରଗ୍ରାହି, ଏହାର ଅର୍ଥ ସେ ଜଣେ ଧନବାନ୍ ବ୍ୟକ୍ତି । କିନ୍ତୁ ଜଣେ ଭ୍ରଷ୍ଟାଚାରି ଚୋର ।
- ଦୁଷ୍ଟାତ୍ମାଗ୍ରସ୍ତ ବ୍ୟକ୍ତିମାନେ, ସେମାନଙ୍କ ନଗରର ଲୋକମାନଙ୍କ ଦ୍ୱାରା ଘୃଣିତ ଥିଲେ, କାରଣ ସେମାନେ କବରରେ ବାସ କରୁଥିଲେ, ଏଣୁ ସେମାନଙ୍କର ସ୍ୱାସ୍ଥ୍ୟ ଲାଭ ପାଇଁ ସେହି ନଗର ନିବାସୀମାନେ ଘୁଷୁରି ପଲକୁ ଉତ୍କୃଷ୍ଟ ମଣିଲେ ।

*** ଏହି ସମସ୍ତ ବ୍ୟକ୍ତି ଯୀଶୁଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଏବଂ ମୂଲ୍ୟବାନ ଥିଲେ । ପରମେଶ୍ୱରଙ୍କ ଦୃଷ୍ଟିରେ ଆପଣ ଜଣେ ଯୋଗ୍ୟ ଏବଂ ମୂଲ୍ୟବାନ ବ୍ୟକ୍ତି ଅଟନ୍ତି । ଆପଣଙ୍କର ଅତୀତ, ଆପଣଙ୍କ ଧନ, ଆପଣଙ୍କ ରୂପ, ଅଥବା ସମାଜରେ ଆପଣଙ୍କର ସ୍ଥାନ କୌଣସି ପ୍ରକାରେ ମହତ୍ୱ ଦିଏ ନାହିଁ ।**

୨. ଆମ୍ଭମାନଙ୍କୁ ରୋଗରୁ ମୁକ୍ତ କରିବା ପାଇଁ ଯୀଶୁ ସକ୍ଷମ ଅଟନ୍ତି । ସୁସ୍ଥତା ପ୍ରାପ୍ତ ଲୋକମାନଙ୍କ ମଧ୍ୟରୁ ଜଣକର ଉଦାହରଣ ଦିଅନ୍ତୁ ।

୩. ପ୍ରତ୍ୟେକ ଆତ୍ମା ଏବଂ ଦୁଷ୍ଟାତ୍ମାମାନଙ୍କ ଉପରେ ଯୀଶୁଙ୍କର ସାମର୍ଥ୍ୟ ଅଛି । ଅନେକ ଲୋକ ଯେଉଁମାନେ ଆତ୍ମା, ଦୁଷ୍ଟାତ୍ମାମାନଙ୍କ ସହିତ ସମ୍ମିଳିତ ହୋଇଅଛନ୍ତି, ସେମାନେ ଉତ୍ତମ କାର୍ଯ୍ୟ କରିବାକୁ ଚାହିଁ ଥାଆନ୍ତି । କିନ୍ତୁ ସେମାନଙ୍କ ସହିତ କ'ଣ ଘଟିଲା, ଏହା ଜାଣିବା ପୂର୍ବରୁ ଆତ୍ମାଗୁଡ଼ାକ ସେମାନଙ୍କ ଜୀବନକୁ କ୍ଷତି ପହୁଞ୍ଚାଇ ଥାଆନ୍ତି । ଯଦ୍ଦ୍ୱାରା ସେମାନେ ଆତ୍ମାମାନଙ୍କ ଦ୍ୱାରା ପ୍ରତାଡ଼ିତ ହୋଇ ଥାଆନ୍ତି, ଆଉ ସେହି ଆତ୍ମାଗୁଡ଼ିକ ସେହି ଲୋକମାନଙ୍କୁ ଏକାକି ଛାଡ଼ନ୍ତି ନାହିଁ । ସେହି ଦୁଷ୍ଟାତ୍ମାମାନଙ୍କଠାରୁ ମୁକ୍ତି ପାଇବା ପାଇଁ ସେମାନଙ୍କ ଜୀବନରେ ଶକ୍ତି ନ ଥାଏ । **ଏହି ଜଗତର ପ୍ରତ୍ୟେକ ଆତ୍ମା, ଦୁଷ୍ଟାତ୍ମାଙ୍କ ଉପରେ ପ୍ରଭୁଯୀଶୁଙ୍କର ଅଧିକାର ଏବଂ ସାମର୍ଥ୍ୟ ଅଛି । କେବଳ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭେମାନେ ଦୁଷ୍ଟ ଆତ୍ମାମାନଙ୍କ କବଳରୁ ମୁକ୍ତ ହୋଇପାରିବା ।**

୪. **ଆମ୍ଭମାନଙ୍କର ଖ୍ୟାତି ନିନ୍ଦନୀୟ ହେଲେ ସୁଧା, ପ୍ରଭୁଯୀଶୁ ସମସ୍ତଙ୍କୁ ପ୍ରେମ କରନ୍ତି । ସେ ସମସ୍ତ ପାପୀଙ୍କୁ ସ୍ୱୀକାର କରନ୍ତି ଓ ଗ୍ରହଣ କରନ୍ତି ।** ଯୀଶୁ ମନୁଷ୍ୟମାନଙ୍କୁ ଦୋଷାରୋପ କରନ୍ତି ନାହିଁ, କିନ୍ତୁ ସମସ୍ତେ ଯେପରି ଅନୁତାପ ଏବଂ ପ୍ରକୃତ କ୍ଷମା ଯାଚନା କରନ୍ତି, ଏହା ତାହାଙ୍କର ଇଚ୍ଛା ।

୫. ଧାର୍ମିକ ଗଣିତ ଲୋକେ ଏବଂ ଫାରୂଶୀମାନେ ଆପଣା ଆପଣା ପାପରୁ ପଶ୍ଚାତାପ କଲେ ନାହିଁ, ଆଉ ସେମାନେ ଭାବିଲେ ଯେ, ଯୀଶୁଙ୍କ ସହିତ ଭୋଜନରେ ଥିବା ଲୋକମାନଙ୍କ ଅପେକ୍ଷା ଉତ୍ତମ । ''ଉତ୍ତମ କ'ଣ'' : ଜଣେ ପାପୀର ପାପ କ୍ଷମା କରାଯିବା ? ଅଥବା ଜଣେ ପାପୀର ଅଳ୍ପ ପାପକୁ ସ୍ୱୀକାର କରି ଅନୁତାପରୁ ମୁହଁ ଫେରାଇବା ?

- ଜଣେ ପାପୀର ପାପ କ୍ଷମା କରାଯିବା ଅତି ଉତ୍ତମ ବିଷୟ ।

ଆମେ ଯେଉଁ ପ୍ରକାରେ ଅଛୁ, ପ୍ରଭୁ ଯୀଶୁ ଆମ୍ଭମାନଙ୍କୁ ସେହି ପ୍ରକାରେ ସ୍ୱୀକାର କରନ୍ତି ଓ ପ୍ରେମ କରନ୍ତି । ଆମ୍ଭେମାନେ ପାପରେ ଗ୍ରାସିତ, ଦରିଦ୍ର, ଅଶିକ୍ଷିତ, ସମସ୍ୟା ଗ୍ରାସିତ, ଶରୀରରେ ଅସୁସ୍ଥ, ଅଙ୍ଗ ପ୍ରତ୍ୟଙ୍ଗରେ ସୀଥିଳ, ଏହିସବୁ ଈଶ୍ୱରଙ୍କ ଦୃଷ୍ଟିରେ କିଛି ନୁହେଁ । ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ ମହତ୍ ବିଷୟ ଏହି ଯେ, ଆମ୍ଭେମାନେ ଅନୁତାପ କରି ତାଙ୍କୁ ଅବଲମ୍ବନ କରିବା, ଏହାହିଁ ତାଙ୍କର ଇଚ୍ଛା ।

## ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍‌ଙ୍କ ଦ୍ୱାରା

### ''ଯୀଶୁଙ୍କ ଆଶ୍ଚର୍ଯ୍ୟକର୍ମ'' ଅଧ୍ୟାୟ – ୪

**ମାଥିଉ ୧୦–୧୬**

**''ଆମ୍ଭେ ବଳିଦାନ ଭଲ ନ ପାଇ ଦୟା ଭଲ ପାଉ'' ମାଥିଉ ୧୨:୭ ।**

**ପୁନଃରିକ୍ଷଣ**

୧. ଯୀଶୁ ଜଣେ ଯିହୂଦୀ ସ୍ତ୍ରୀଠାରୁ ଜନ୍ମ ଗ୍ରହଣ କରିଥିଲେ, ତାଙ୍କ ନାମ ________ ଥିଲା ।

୨. ପୂର୍ବଦେଶର ପଣ୍ଡିତମାନେ ଯୀଶୁଙ୍କୁ ଖୋଜି ପାରିଥିଲେ, କାରଣ ସେମାନେ ଏକ ________ ପଶ୍ଚାତ୍‌ଗମନ କରିଥିଲେ ।

୩. ପଣ୍ଡିମାନେ ହେରୋଦଙ୍କ ନଗରକୁ ନ ଫେରି, ଅନ୍ୟମାର୍ଗ ଦେଇ ନିଜ ଦେଶକୁ ଫେରିଗଲେ, କାରଣ ସେମାନେ ________ ଦ୍ୱାରା ପରମେଶ୍ୱରଙ୍କଠାରୁ ପ୍ରତ୍ୟାଦେଶ ପାଇଥିଲେ ।

୪. ବାପ୍ତିଜକ ଯୋହନ ପ୍ରାନ୍ତରରେ ପ୍ରଚାର କରୁଥିଲେ ଓ ________ ଦେଉଥିଲେ, ଯେଉଁମାନେ ନିଜ ପାପ ସ୍ୱୀକାର କରି ତାଙ୍କ ନିକଟକୁ ଆସୁଥିଲେ ।

୫. ମନ ଫେରଣର ଅର୍ଥ କ'ଣ ?

୬. ଯୀଶୁ ବାପ୍ତିସ୍ମ ନେବା ପରେ ________ ଏକ କପୋତ ପରି ପୃଥିବୀକୁ ଅବତରଣ କଲା, ଆଉ ସ୍ୱର୍ଗରୁ ଏକ ବାଣୀ ହେଲା । ଏଠାରେ ପରମେଶ୍ୱରଙ୍କ ବ୍ୟକ୍ତିତ୍ୱକୁ ତିନି ପ୍ରକାରେ ଆମ୍ଭମାନଙ୍କୁ ବୁଝାଏ । ________ ପରମେଶ୍ୱର, ________ ପରମେଶ୍ୱର, ________ ପରମେଶ୍ୱର ।

୭. ପ୍ରାନ୍ତରରେ ଯୀଶୁ ________ଙ୍କ ଦ୍ୱାରା ପରୀକ୍ଷିତ ହେଲେ ।

୮. ଯୀଶୁଙ୍କର ପ୍ରଥମ ଶିଷ୍ୟମାନେ ବ୍ୟବସାୟରେ ________ ଥିଲେ ।

୯. ଦୁଷ୍ଟ ଆତ୍ମା ଆବିଷ୍ଟ ଦୁଇ ବ୍ୟକ୍ତିଙ୍କ ସହିତ ଯୀଶୁଙ୍କର ମୁଖାମୁଖି ହୋଇଥିଲା ବା ସାକ୍ଷାତ ହୋଇଥିଲା । ଯୀଶୁ ସେମାନଙ୍କୁ କି ପ୍ରକାର ସାହାଯ୍ୟ କଲେ ? ଯୀଶୁଙ୍କର କାର୍ଯ୍ୟକୁ ଦେଖି ସେହି ନଗରର ଲୋକେ କି ପ୍ରକାର ପ୍ରତିକ୍ରିୟା ଦେଖାଇଲେ ।

୧୦. ଯୀଶୁ କି ପ୍ରକାର ଲୋକମାନଙ୍କ ସହିତ ଭୋଜନ କରୁଥିଲେ, ତାହା ଦେଖି ଫାରୂଶୀମାନେ ତର୍କ ବିତର୍କ କରିବାକୁ ଲାଗିଥିଲେ ?

୧୧. ଜଣେ ଗୁରୁତର ପାପୀ ମନ ଫେରଣ କରିବା ଉତ୍ତମ, ଅଥବା କ୍ଷୁଦ୍ର ପାପରୁ ମନ ନ ଫେରାଇବା ଉତ୍ତମ ?

ଯୀଶୁ ବାର ଜଣଙ୍କୁ ତାଙ୍କ ଶିଷ୍ୟ ହେବା ପାଇଁ ଆହ୍ୱାନ କଲେ । ଏହାର ଅର୍ଥ, ସେମାନେ ଯୀଶୁଙ୍କର ନିକଟବର୍ତ୍ତୀ ହୁଅନ୍ତି, ଆଉ ସେମାନେ ତାଙ୍କଠାରୁ ଶିକ୍ଷା ପ୍ରାପ୍ତ ହୁଅନ୍ତି । ଯୀଶୁ ଏହି ବାର ଜଣଙ୍କୁ ଦୁଷ୍ଟାତ୍ମା ଉପରେ ଅଧିକାର ଏବଂ ସମସ୍ତ ପ୍ରକାର ରୋଗରୁ ସୁସ୍ଥ କରିବା ପାଇଁ ସାମର୍ଥ୍ୟ ଦେଲେ । ଆଉ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ବିନାମୂଲ୍ୟରେ ପାଇଅଛ, ବିନାମୂଲ୍ୟରେ ଦାନ କର । ଏହି ଶିଷ୍ୟମାନଙ୍କ ମଧ୍ୟରେ ଇଷ୍କାରିୟୋତ ଯିହୂଦା ନାମରେ ମଧ୍ୟ ଜଣେ ଶିଷ୍ୟ ଥିଲେ ।

ଯୀଶୁ ସେମାନଙ୍କୁ ଇସ୍ରାଏଲ ଦେଶର ସମଗ୍ର ଅଞ୍ଚଳକୁ ପଠାଇଲେ, ଯେପରିକି ଯୀଶୁଙ୍କଠାରେ ଯିହୂଦୀମାନେ ବିଶ୍ୱାସ କରି ତାଙ୍କ ପ୍ରତି ଫେରନ୍ତି । ଯୀଶୁ ସେମାନଙ୍କୁ ଗୋଟିଏ ସନ୍ଦେଶ ଦେଇଥିଲେ, ଯେଉଁମାନେ ମନୁଷ୍ୟମାନଙ୍କ ସମ୍ମୁଖରେ ମୋତେ ସ୍ୱୀକାର କରିବେ ମୁଁ ମଧ୍ୟ ସେମାନଙ୍କୁ ମୋହର ସ୍ୱର୍ଗସ୍ଥ ପିତାଙ୍କ ସମ୍ମୁଖରେ ସ୍ୱୀକାର କରିବି (ଗ୍ରହଣ କରିବି) । କିନ୍ତୁ ଯେଉଁମାନେ ମନୁଷ୍ୟମାନଙ୍କ ସମ୍ମୁଖରେ ମୋତେ ଗ୍ରହଣ ନ କରନ୍ତି, ମୁଁ ମଧ୍ୟ ମୋହର ପିତାଙ୍କ ସମ୍ମୁଖରେ ସେମାନଙ୍କୁ ଅସ୍ୱୀକାର କରିବି ।

ସ୍ୱୟଂ ଯୀଶୁ ମଧ୍ୟ ଗାଲୀଲି ନଗରରେ ଉପଦେଶ, ସୁସମାଚାର ପ୍ରଚାର ଏବଂ ସମସ୍ତ ରୋଗରେ ପୀଡ଼ିତ ଲୋକମାନଙ୍କୁ ସୁସ୍ଥ କରିବାକୁ ପ୍ରସ୍ଥାନ କଲେ । ଯେଉଁ ଗାଲୀଲିୟ ଲୋକମାନଙ୍କ ସହିତ ସେ ଅନେକ ସମୟ କ୍ଷେପଣ କରିଥିଲେ, ସେହି ଗାଲୀଲିୟ ଲୋକମାନେ ଯୀଶୁଙ୍କୁ ଗ୍ରହଣ କଲେ ନାହିଁ । ଏହା ଦେଖି ଯୀଶୁ ପିତାଙ୍କ ସହିତ ଆଳାପ କରିବାକୁ ଗଲେ, ଆଉ ତାହା ଏପ୍ରକାର :

> ''ହେ' ପିତଃ, ସ୍ୱର୍ଗ ଏବଂ ପୃଥିବୀର ପ୍ରଭୁ, ମୁଁ ତୁମ୍ଭର ଧନ୍ୟବାଦ ଦେଉଅଛି, ତୁମ୍ଭେ ଜ୍ଞାନୀ ଓ ବିବେଚିତ ଲୋକମାନଙ୍କଠାରୁ ଏହି ବାକ୍ୟ ଗୋପନରେ ରଖିଅଛ ଏବଂ ବାଳକମାନଙ୍କଠାରେ ପ୍ରକାଶ କରିଅଛ, ହଁ ପ୍ରଭୁ, ତୁମ୍ଭକୁ ଏହା ଉତ୍ତମ ଦେଖାଗଲା । ମୋତେ ପିତଃ ସମସ୍ତ ସମର୍ପଣ କରିଅଛନ୍ତି । କିନ୍ତୁ ପୁତ୍ରଙ୍କୁ କେହି ଜାଣେ ନାହିଁ । କେବଳ ପିତା ଜାଣନ୍ତି । ପିତାଙ୍କୁ କେହି ଜାଣେ ନାହିଁ, କେବଳ ପୁତ୍ର ଜାଣନ୍ତି । ଆଉ ସିଏ, ଯାହାଙ୍କୁ ପୁତ୍ର ପ୍ରକାଶ କରିବାକୁ ଚାହାନ୍ତି । ହେ' ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଘେନ ଓ ମୋ'ଠାରୁ ଶିଖ, କାରଣ ମୁଁ ନମ୍ର ଓ ଆତ୍ମାରେ ଦୀନ ଅଟେ । ଆଉ ତୁମ୍ଭେ ଆତ୍ମାରେ ବିଶ୍ରାମ ପାଇବ ।''

ଏହା କହି ସାରିଲା ପରେ ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ଗୋଟିଏ ଗହମ କ୍ଷେତ୍ର ଦେଇ ଯାଉଥିଲେ, ସେହି ଦିନ ବିଶ୍ରାମବାରର ଦିନ ଥିଲା, ତାହାଙ୍କ ଶିଷ୍ୟମାନେ କ୍ଷୁଧିତ ଥିବାରୁ ଶସ୍ୟର ଶିଁଷା ଛିଣ୍ଡାଇ ଖାଇବାକୁ ଲାଗିଲେ ।

ମାତ୍ର ଫାରୂଶୀମାନେ ତାହା ଦେଖି, ବିଶ୍ରାମ ବାରରେ ଯାହା କରିବା ବିଧିସଂଗତ ନୁହେଁ, ତାହା ତୁମ୍ଭର ଶିଷ୍ୟମାନେ କରୁଅଛନ୍ତି ବୋଲି ତାହାଙ୍କୁ କହିଲେ । ଯୀଶୁ ସେମାନଙ୍କୁ କହିଲେ, ''ତୁମ୍ଭେମାନେ

ଏ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ବ୍ୟବସ୍ଥା ବୁଝି ନାହଁ । କାରଣ ବାକ୍ୟ କହେ, ଆମ୍ଭେ ବଳିଦାନ ଭଲ ନ ପାଇଁ ଦୟା ଭଲ ପାଉ ।''

ସେ ସେସ୍ଥାନରୁ ପ୍ରସ୍ଥାନ କରି ଯିହୁଦୀମାନଙ୍କ ସମାଜ ଗୃହରେ ପ୍ରବେଶ କଲେ । ସେଠାରେ ଜଣେ ଲୋକ ଥିଲେ, ଯାହାର ହାତ ଶୁଖି ଯାଇଥିଲା । ସେହି ଲୋକକୁ ସେ କହିଲେ, ''ତୁମ୍ଭର ହାତ ବଢ଼ାଅ'' । ସେଥିରେ ସେହି ଲୋକ ହାତ ବଢ଼ାଇଲା, ଆଉ ସେହି ଲୋକକୁ ବିଶ୍ରାମବାରରେ ସେ ସୁସ୍ଥ କଲେ ।

ଏହା ଦେଖି ଫାରୂଶୀମାନେ ବାହାରି ଯାଇ ତାହାଙ୍କୁ ବିନାଶ କରିବା ପାଇଁ ତାହାଙ୍କ ବିରୁଦ୍ଧରେ ମନ୍ତ୍ରଣା କଲେ । ଯୀଶୁ ଏହା ଜାଣି ସେସ୍ଥାନରୁ ଚାଲିଗଲେ । କିନ୍ତୁ ତାହାଙ୍କ ପଛେ ପଛେ ଅନେକ ଲୋକ ଗଲେ । ସେମାନେ ତାହାଙ୍କୁ ପ୍ରକାଶ ନ କରିବା ପାଇଁ, ସେ ସେମାନଙ୍କୁ ଦୃଢ଼ ଆଜ୍ଞା ଦେଲେ ।

ଯୀଶୁ ସେମାନଙ୍କ ସାଥିରେ ଅନେକ ଦିନ ରହି ସେମାନଙ୍କୁ ଉପଦେଶ ଦେଇ, ସେମାନଙ୍କର ସମସ୍ତ ରୋଗରୁ ସେମାନଙ୍କୁ ସୁସ୍ଥ କଲେ । ପୁନର୍ବାର ଯୀଶୁ ପ୍ରାନ୍ତରକୁ ଯିବା ସମୟରେ ତାଙ୍କ ପଛେ ପଛେ ଅନେକ ଲୋକ ଗଲେ । ଆଉ ସେମାନେ ଅନେକ ସମୟ ପର୍ଯ୍ୟନ୍ତ ଯୀଶୁଙ୍କଠାରୁ ଉପଦେଶ ଶୁଣିଲେ । ଯୀଶୁ ସେମାନଙ୍କୁ କ୍ଷୁଧିତ ଦେଖି ଦୟାରେ ବିଗଳିତ ହେଲେ । ସେ ସାତ ରୋଟି ଏବଂ କିଛି ମାଛ ନେଇ ଆଶୀର୍ବାଦ କରି ଚାରି ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପରିତୃପ୍ତ କଲେ ।

ସେ ଗାଲୀଲିରେ ପରିଚର୍ଯ୍ୟା କରୁଥିବା ସମୟରେ, ତାଙ୍କର ଅନୁଗାମୀ ସମସ୍ତଙ୍କୁ କହିଥିଲେ ଯେ, ସେ ଶୀଘ୍ର ଯିରୂଶାଲମକୁ ଯାଇ ସେଠାରେ ଭୟଙ୍କର ଘଟଣାର ସମ୍ମୁଖୀନ ହେବେ । ସେ ସେମାନଙ୍କୁ କହିଲେ, ପ୍ରାଚୀନମାନଙ୍କର ଓ ଶାସ୍ତ୍ରୀମାନଙ୍କର ହସ୍ତରେ ସମର୍ପିତ ହୋଇ, ସେ ଅନେକ ଦୁଃଖ ଭୋଗ କରିବେ ଏବଂ ମୃତ୍ୟୁଦଣ୍ଡ ବରଣ କରିବେ, ଆଉ ତୃତୀୟ ଦିନରେ ପୁନଃର୍ଜୀବିତ ହେବେ ।

## ମୌଖୀକ ପ୍ରଶ୍ନ

୧. ଯୀଶୁ ନିଜ ଶିଷ୍ୟମାନଙ୍କୁ କେଉଁ କାର୍ଯ୍ୟ ସମର୍ପଣ କଲେ ?

୨. ଯେଉଁମାନେ ମୋତେ ମନୁଷ୍ୟମାନଙ୍କ ସମ୍ମୁଖରେ ଗ୍ରହଣ କରେ, ଅଥବା ଯେଉଁମାନେ ମୋତେ ମନୁଷ୍ୟମାନଙ୍କ ସମ୍ମୁଖରେ ଅସ୍ୱୀକାର କରନ୍ତି, ଏପରି ଲୋକମାନଙ୍କ ପ୍ରତି ଯୀଶୁ କ'ଣ କହିଥିଲେ ?

୩. ଯେଉଁଠାରେ ଯୀଶୁ ଅଧିକ ଆଶ୍ଚର୍ଯ୍ୟକର୍ମ କରିଥିଲେ, ସେହି କଫର୍ନାହୂମ, ଗାଲୀଲି ପ୍ରଦେଶର ଚତୁଃପାର୍ଶ୍ୱରେ ଥିବା ଲୋକମାନେ, ଯୀଶୁଙ୍କ ଉପଦେଶରେ କି ପ୍ରକାର ପ୍ରତିକ୍ରିୟା ଦର୍ଶାଇ ଥିଲେ ?

୪. ଯୀଶୁ କି ପ୍ରକାର ସଂକଳ୍ପ କରି, ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକମାନଙ୍କୁ ତାଙ୍କ ନିକଟକୁ ଡାକିଲେ ?

୫. ଯୀଶୁ ଓ ତାଙ୍କ ଶିଷ୍ୟମାନେ ଗହମ କ୍ଷେତ୍ରରେ କାହିଁକି ଅଟକିଲେ ?

୬. ଗହମ ଶିଷା ଛିଣ୍ଡାଇବା କାରଣରୁ ଫାରୂଶୀମାନେ କାହିଁକି ଯୀଶୁଙ୍କ ବିଷୟରେ ମନ୍ତ୍ରଣା କଲେ ?

୭. ହାତ ଶୁଖିଯାଇଥିବା ଲୋକକୁ ସୁସ୍ଥ କରିବା କାରଣରୁ ଫାରୂଶୀମାନେ ଯୀଶୁଙ୍କର ବିରୋଧ କାହିଁକି କଲେ ?

୮. ଯିହୂଦୀ ନେତାମାନଙ୍କ ଦ୍ୱାରା ଗଠିତ ମନ୍ତ୍ରଣାର ଉଦ୍ଦେଶ୍ୟ କ'ଣ ଥିଲା ?

୯. ଯୀଶୁଙ୍କର ଅନୁସରଣକାରୀମାନଙ୍କୁ ସେ କହିଥିଲେ ଯେ, ତାଙ୍କ ସହିତ, ବିଶେଷ ଘଟଣା ଘଟିବାକୁ ଯାଉଛି । ଏହି ଘଟଣାର ଭବିଷ୍ୟବାଣୀ କ'ଣ ଥିଲା ?

## ଆତ୍ମିକ ସତ୍ୟ : ଅଧ୍ୟାୟ – ୪

### ମାଥିଉ ୧୦–୧୬

୧. **ମନୁଷ୍ୟମାନଙ୍କ ସମ୍ମୁଖରେ ଯେଉଁ ଜନ ଯୀଶୁଙ୍କୁ ଗ୍ରହଣ କରିବ, ସେ ତାଙ୍କୁ ପିତାଙ୍କ ସମ୍ମୁଖରେ ଗ୍ରହଣ କରିବେ ।** ଯେପରି ଯେକେହି ମନୁଷ୍ୟମାନଙ୍କ ସମ୍ମୁଖରେ ଯୀଶୁଙ୍କୁ ଅସ୍ୱୀକାର କରିବ, ସେ ତାଙ୍କୁ ସ୍ୱର୍ଗୀୟ ପିତାଙ୍କ ସମ୍ମୁଖରେ ଅସ୍ୱୀକାର କରିବେ ।

୨. **ଅନେକ ଲୋକ ତାଙ୍କୁ ଅନୁସରଣ କରୁଥିଲେ, ଯେହେତୁ ସେମାନେ ତାଙ୍କ ଦ୍ୱାରା ଅଦ୍ଭୁତ କାର୍ଯ୍ୟ ଦେଖିବା ଆଶାରେ । କିନ୍ତୁ କେହି ହେଲେ ତାଙ୍କ ସହିତ ସମ୍ବନ୍ଧ ରଖିବାକୁ ଚାହୁଁ ନ ଥିଲେ ।** ସେମାନେ ଆପଣା ଆପଣା ପାପରୁ ମନ ଫେରଣ କରିବାକୁ ଚାହୁଁ ନ ଥିଲେ । ସେମାନେ ପରମେଶ୍ୱରଙ୍କ ଅନୁଗ୍ରହର ଲାଭ ଉଠାଇବା ପାଇଁ ମାତ୍ର ଚାହୁଁଥିଲେ । ସେମାନଙ୍କର ଆବଶ୍ୟକ ବେଳେ ମାତ୍ର ସେମାନେ ଯୀଶୁଙ୍କୁ ଚାହୁଁଥିଲେ, ଯେପରିକି ତାଙ୍କଠାରୁ କିଛି ପାଇ ପାରିବେ । ତୁମ୍ଭେମାନେ କ'ଣ ସେହି ପ୍ରକାର ଲୋକମାନଙ୍କ ମଧ୍ୟରୁ ଅଟ ? ଏ ବିଷୟରେ ଆପଣ କି ପ୍ରକାର ବିଚାର କରନ୍ତି ?

୩. ଏକମାତ୍ର ବ୍ୟକ୍ତି ଯେ ସ୍ୱର୍ଗୀୟ ପିତାଙ୍କ ନିକଟରେ ବିଦ୍ୟମାନ, ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ଯେ ପିତାଙ୍କ ନିକଟକୁ ଆସିବାକୁ ଚାହାନ୍ତି ସେ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ହିଁ ସାଧ । **ଯୀଶୁ ଖ୍ରୀଷ୍ଟଙ୍କ ବିନା ପରମେଶ୍ୱରଙ୍କ ମଧ୍ୟବର୍ତ୍ତି ଆଉ କେହି ନାହାନ୍ତି । ପିତାଙ୍କ ନିକଟକୁ ପ୍ରବେଶ କରିବାକୁ ଏକମାତ୍ର ମାର୍ଗ, ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ ।**

* ହୋଇପାରେ ଆପଣମାନେ ପିତାଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ବିନା ଆଉ କାହାରି ମଧ୍ୟସ୍ଥତା ବିଷୟରେ ସିଖିଥାଇ ପାରନ୍ତି ? ଏହି ଅନ୍ୟ ମଧ୍ୟବର୍ତ୍ତି କିଏ ? କ'ଣ ସେ ପରମେଶ୍ୱର, ଭବିଷ୍ୟତ୍‌ବକ୍ତା, ଅତୀତର ଉତ୍ତମ ବ୍ୟକ୍ତି ? ବାଇବଲ କହେ, ହୋଇପାରେ ସେମାନେ ଉତ୍ତମ ବ୍ୟକ୍ତି ହୋଇଥାଇ ପାରନ୍ତି, କିନ୍ତୁ ସେମାନେ ପରମେଶ୍ୱର ନୁହନ୍ତି । ଆପଣମାନେ କ'ଣ ବାଇବଲରେ ସହମତ ଅଟନ୍ତି ଯେ, ପରମେଶ୍ୱର ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ମଧ୍ୟବର୍ତ୍ତି ଏକମାତ୍ର ଯୀଶୁ ଖ୍ରୀଷ୍ଟ ବୋଲି ?

୪. **ଯୀଶୁ ଆମ୍ଭମାନଙ୍କର ବୋଝ ଓ ପରିଶ୍ରମକୁ ଉଠାଇ ନେବାକୁ ଚାହାନ୍ତି । ସେ ବିନମ୍ର ଏବଂ ଦୀନମନସ୍କ ଅଟନ୍ତି ।** ଆମ୍ଭମାନଙ୍କର ଭାର ସେ ଉଶ୍ୱାସ କରିବାକୁ ଚାହାନ୍ତି । ଯଦି ଆମେ ତାଙ୍କର ଯୁଆଳିକୁ ବହନ କରୁ, ଆମ୍ଭେମାନେ ନିଜ ମନରେ ବିଶ୍ରାମ ପାଇବା । ଅନ୍ୟ ଭାବରେ ଯଦି ଆମେ ତାଙ୍କର ପ୍ରଭୁତା ଏବଂ ନେତୃତ୍ୱକୁ ସ୍ୱୀକାର କରୁ ତେବେ ସେଥିରେ ବିଶ୍ରାମ ପାଇବା ।

୫. **ଆମ୍ଭେ ବଳିଦାନ ନ ଚାହିଁ ଦୟାରେ ପ୍ରସନ୍ନ ଅଟୁ ।** ବଳିଦାନ ଶବ୍ଦର ଅର୍ଥ ଆପଣମାନଙ୍କ ପାଇଁ କ'ଣ ଆପଣମାନେ ପରିଚାରକମାନଙ୍କ ଦ୍ୱାରା ଶିକ୍ଷା ପାଇଛନ୍ତି ? ହୋଇପାରେ ତାହା ପାପରୁ କ୍ଷମା ପାଇବା ପାଇଁ ଅଥବା ଅନୁଗ୍ରହ ପାଇବା ପାଇଁ ? ଆପଣଙ୍କ ପକ୍ଷରେ ବିଶ୍ୱାସ କରିବା

କ'ଣ କଠିନ ହୋଇପାରେ ଯେ, ପରମେଶ୍ୱର ବଳିଦାନ ଚାହାନ୍ତି ନାହିଁ, ଅଥବା ବଳିଦାନ ଦ୍ୱାରା ସେ ଦୟାର କାର୍ଯ୍ୟ କରିବେ ? ଆପଣ କ'ଣ ଏହି ସତ୍ୟକୁ ସ୍ୱୀକାର କରନ୍ତି ଯେ, ଆମ୍ଭମାନଙ୍କ ଧର୍ମକର୍ମରୁ ଆମେ ପରମେଶ୍ୱରଙ୍କୁ ସନ୍ତୋଷ କରି ନ ପାରୁ । ପରମେଶ୍ୱରଙ୍କୁ କିଛି ଦେଇ ନ ପାରୁ, ଅଥବା ସନ୍ତୁଷ୍ଟ କରି ନ ପାରୁ । ଯୀଶୁ ଫାରୂଶୀମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ ଯେ, ପରମେଶ୍ୱର ମନୁଷ୍ୟମାନଙ୍କ ଦ୍ୱାରା ଅର୍ପିତ ବଳିଦାନକୁ ଅଗ୍ରାହ୍ୟ ଏବଂ ଅପ୍ରିୟ ଅଟନ୍ତି । କିନ୍ତୁ ଧାର୍ମିକମାନେ ଏହି ସତ୍ୟକୁ ସ୍ୱୀକାର କରିବାରେ କଠିନ ଅଟନ୍ତି । ପ୍ରତ୍ୟେକ ଧର୍ମ କହେ ଯେ, ସମସ୍ତ କ୍ରୋଧରୁ ପଳାୟନ କରିବା ପାଇଁ ବା ଅନୁଗ୍ରହ ପ୍ରାପ୍ତ ହେବା ପାଇଁ ଆମ୍ଭମାନଙ୍କୁ କିଛି କରିବା ପାଇଁ ଅନେକ ଲୋକ ପରିଶ୍ରମର ସମ୍ମୁଖୀନ ହୋଇଥାଆନ୍ତି । ଆପଣା ପାପର ପରିଶୋଧ କରିବା ପାଇଁ ଅଥବା ନିଷ୍ଠା ଦେଖାଇବା ପାଇଁ । କିନ୍ତୁ ଏହା ପରମେଶ୍ୱରଙ୍କଠାରେ କିଛି ନିରୂପଣ କରେ ନାହିଁ । ସେ ଆମ୍ଭମାନଙ୍କ ସହିତ ସମ୍ବନ୍ଧ ଚାହାନ୍ତି, ସେ ଆମ୍ଭମାନଙ୍କୁ ଦୟା ପ୍ରକାଶ କରିବାକୁ ଚାହାନ୍ତି, ସେ ଆମ୍ଭମାନଙ୍କର ବଳିଦାନକୁ ଚାହାନ୍ତି ନାହିଁ ।

୬. **ଯୀଶୁ ଜାଣିଥିଲେ ଯେ, ସେ ଅନେକ ଦୁଃଖଭୋଗ କରିବେ ଏବଂ ପରିଶେଷରେ ମୃତ୍ୟୁଭୋଗ କରି ତୃତୀୟ ଦିନରେ ମୃତମାନଙ୍କ ମଧ୍ୟରୁ ଜୀବିତ ହେବେ ।**

* ଏହି ଅଧ୍ୟୟନକୁ ଆଗାମୀ ତିନି ଅଧ୍ୟାୟରେ ଯୀଶୁଙ୍କ ମୃତ୍ୟୁ ଏବଂ ପୁନରୁତ୍ଥାନ ବିଷୟରେ ବୁଝିବାକୁ ଚେଷ୍ଟା କରୁ । ଏହି ଅଦ୍ୱିତୀୟ ଘଟଣା ସଂସାରର ଇତିହାସକୁ ସଦାକାଳ ପାଇଁ ବଦଳାଇ ଦେବ । ଏହି ଏକ ଘଟଣାରେ ଆମ୍ଭମାନଙ୍କର ପାପର ବନ୍ଧନକୁ ମୁକ୍ତ କରିବା ପାଇଁ, ଆଉ ଆମ୍ଭମାନଙ୍କର ଜୀବନକୁ ପରିବର୍ତ୍ତନ କରିବା ପାଇଁ ସକ୍ଷମ ଅଟେ ।

## ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍ଙ୍କ ଦ୍ୱାରା

### ''ଯୀଶୁଙ୍କୁ ଧରାଇ ଦିଆଯିବା'' ଅଧ୍ୟାୟ – ୫

ମାଥିଉ ୨୦–୨୬

**''ଯୀଶୁ ଯୀରୁଶାଲମକୁ ଯାତ୍ରା କରୁଥିବା ସମୟରେ ତାଙ୍କର ବାରଜଣ ଶିଷ୍ୟଙ୍କୁ ନେଇ କହିବାକୁ ଲାଗିଲେ, ଦେଖ, ଆମ୍ଭେମାନେ ଯୀରୁଶାଲମକୁ ଯାଉଅଛୁ, ଆଉ ମନୁଷ୍ୟପୁତ୍ର ପ୍ରଧାନ ଯାଜକ ଏବଂ ଶାସ୍ତ୍ରୀମାନଙ୍କ ହସ୍ତରେ ସମର୍ପଣ କରାଯିବେ, ଆଉ ସେମାନେ ତାଙ୍କୁ ପ୍ରାଣଦଣ୍ଡର ଯୋଗ୍ୟ ନିରୂପଣ କରିବେ ! ସେମାନେ ତାଙ୍କୁ ଅନ୍ୟ ଜାତୀୟମାନଙ୍କ ହସ୍ତରେ ସମର୍ପଣ କରିବେ, ଯେପରିକି ସେମାନେ ତାଙ୍କୁ ପରିହାସ କରି, କୋରଡ଼ା ପ୍ରହାର କରିବେ ଓ କ୍ରୁଶ ଉପରେ ଚଢ଼ାଇବେ ! ଆଉ ସେ ତିନିଦିନ ଉତ୍ତାରେ ପୁନଃର୍ଜିବିତ ହେବେ'' (ମାଥିଉ ୨୦:୧୭–୧୯) ।**

**ପୁନରିକ୍ଷଣ**

୧. ଯୀଶୁ ________ ନାମକ ଏକ କୁମାରି ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ ।

୨. ତାଙ୍କ ସାଂସାରିକ ପିତା, ________ ଏକ ସ୍ୱପ୍ନ ଦେଖିଲେ, ଯେଉଁଥିରେ ପରମେଶ୍ୱର ତାଙ୍କୁ କହନ୍ତି, ମିସରକୁ ଚାଲିଯାଅ, କାରଣ ରାଜା ହେରୋଦ ଯୀଶୁଙ୍କୁ ________ କରିବାକୁ ଚାହୁଁଛି ।

୩. ବାପ୍ତିଜକ ଯୋହନ, ପାପରୁ ମନଫେରଣ କରିବା ନିମନ୍ତେ, ସୁସମାଚାର ପ୍ରଚାର କରି, ଯେଉଁମାନେ ନିଜ ପାପରୁ ________ କରୁଥିଲେ, ସେମାନଙ୍କୁ ସେ ବାପ୍ତିସ୍ମ ଦେଉଥିଲେ ।

୪. ଯୀଶୁଙ୍କଠାରେ କୌଣସି ________ ନଥିଲା, କିନ୍ତୁ ସେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିସ୍ମ ଗ୍ରହଣ କରିବାକୁ ଯୋହନଙ୍କୁ ପଚାରିଲେ !

୫. ''ମନଫେରଣ'' ଶବ୍ଦର ଅର୍ଥ କ'ଣ ?

୬. ଯେବେ ଯୀଶୁ ବାପ୍ତିଜିତ ହେଲେ, ________ ଏକ କପୋତ ପରି ଅବତରଣ କଲେ, ଆଉ ପରମେଶ୍ୱରଙ୍କଠାରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଆମ୍ଭେ ଏହାଙ୍କଠାରେ ପରମ ସନ୍ତୋଷ ଅଟୁ ।

୭. ପ୍ରାନ୍ତରରେ ଯୀଶୁ ________ ଦ୍ୱାରା ପରୀକ୍ଷିତ ହୋଇଥିଲେ ।

୮. ଯୀଶୁ ଦୁଇ ଜଣଙ୍କ ମୁଖାମୁଖି ହୋଇଥିଲେ, ଯେଉଁମାନେ ________ଦ୍ୱାରା ଗ୍ରାସିତ ଥିଲେ ! ଯୀଶୁ ନିରୂପଣ କଲେ ଯେ ଦୁଷ୍ଟାତ୍ମାମାନଙ୍କୁ ମଧ୍ୟ ________ ତାଙ୍କଠାରେ ସାମର୍ଥ୍ୟ ଅଛି ।

୯. ଜଣେ ମହାପାପୀ ପାପସ୍ୱୀକାର କରିବା ଉତ୍ତମ, ଅଥବା ଜଣେ ସାଧାରଣ ପାପୀ ପାପକୁ ଅସ୍ୱୀକାର କରିବା ଉତ୍ତମ ଅଟେ ?

୧୦. ଯୀଶୁ ସେମାନଙ୍କୁ କହିଲେ, ଯଦି ତୁମେ ସମସ୍ତଙ୍କ ସମ୍ମୁଖରେ ମୋତେ ସ୍ୱୀକାର କର, ତେବେ ସେ ସ୍ୱର୍ଗସ୍ଥ ପିତାଙ୍କ ସମ୍ମୁଖରେ ତୁମକୁ ସ୍ୱୀକାର କରିବେ !

୧୧. କଫର୍ନାହୂମ ନଗର ନିବାସୀମାନଙ୍କ ସାଥେ ସାଥେ ଗାଲିଲୀୟମାନେ ମଧ୍ୟ ପରମେଶ୍ୱରଙ୍କ ବାକ୍ୟ _________ ଥିଲେ ! ଯୀଶୁଙ୍କ ଦ୍ୱାରା ଅଦ୍ଭୁତ କାର୍ଯ୍ୟଗୁଡ଼ିକୁ ଦେଖି ସେମାନେ ଯୀଶୁଙ୍କ ପଛେ ପଛେ ଚାଲୁଥିଲେ ।

୧୨. ସେମାନେ ନିଜ ନିଜ ପାପରୁ ମନ ଫେରାଇଲେ ନାହିଁ । ତଥାପି ମନପରିବର୍ତ୍ତନର ଅର୍ଥ କ'ଣ ଅଟେ ?

୧୩. ଯୀଶୁ କହିଲେ, ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ _________ ଦେବି । କାରଣ ମୋହର ଯୁଆଳି ସହଜ ଅଟେ ।

୧୪. ଫାରୁଶୀମାନେ ଯୀଶୁଙ୍କୁ _________ କରିବାକୁ ଷଡ଼ଯନ୍ତ୍ର କଲେ ।

୧୫. ଯୀଶୁ ଜାଣୁଥିଲେ ଯେ, ଅନେକ ଫାରୁଶୀ ତାଙ୍କୁ ପ୍ରାଣନାଶ କରିବାକୁ ଚାହୁଁଛନ୍ତି । କିନ୍ତୁ ଯଦ୍ୟପି ସେ ଅନେକ ଆଶ୍ଚର୍ଯ୍ୟକର୍ମ କରୁଥିଲେ, ଯେପରିକି ଦୁଇ _________ ଏବଂ କିଛି _________ ଦ୍ୱାରା ଚାରି ହଜାରରୁ ଅଧିକ ଲୋକଙ୍କୁ ଭୋଜନ କରାଇବା ।

ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହିତ ଗାଲିଲୀରୁ ଯୀରୁଶାଲମକୁ ଯାତ୍ରା କଲେ । ସେ ଯୀରୁଶାଲମରେ ପ୍ରବେଶ ନ କରିବା ପୂର୍ବେ, ତାଙ୍କର ଦୁଇ ଶିଷ୍ୟଙ୍କୁ ଏହା କହି ପଠାଇଲେ, ସମ୍ମୁଖସ୍ଥ ଗ୍ରାମକୁ ଯାଅ, ସେହି ଗ୍ରାମରେ ପ୍ରବେଶ କରି ଦେଖିବ ଯେ, ଗୋଟିଏ ଗର୍ଦ୍ଦଭ ଓ ତା'ର ଶାବକ ବନ୍ଧା ହୋଇଥିବା ଦେଖିବ । ତାକୁ ଖୋଲି ମୋ ନିକଟକୁ ଘେନିଆସ । ଯୀଶୁ ଗର୍ଦ୍ଦଭଶାବକ ଉପରେ ଆରୋହଣ କରି ଯୀରୁଶାଲମକୁ ଯାତ୍ରା କଲେ ।

ସେ ବିଜୟ ଓ ମହିମାରେ ପରିପୂର୍ଣ୍ଣ ହୋଇ ପ୍ରବେଶ କଲେ । ସହରର ପ୍ରତ୍ୟେକ ଗଳିରୁ ମହା ଜନତା ତାଙ୍କ ଚତୁପାର୍ଶ୍ୱରେ ଏକତ୍ରିତ ହେଲେ । ଯୀଶୁ ସେହି ସହରରେ ପ୍ରବେଶ କରୁଥିବା ଦେଖି ଅନେକ ଲୋକ ତାଙ୍କ ଲୁଗା କାଢ଼ି ବିଛାଇବାକୁ ଲାଗିଲେ । ଆଉ ଅନେକେ ଖର୍ଜ୍ଜୁର ବାହୁଙ୍ଗା ବିଛାଇ ତାଙ୍କୁ ସମ୍ମାନିତ କରି ଆହ୍ୱାନ କରୁଥିଲେ । ତାଙ୍କ ଆଗେ ଆଗେ ଯାଉଥିବା ଜନସମୂହ ଏହା ଚିତ୍କାର କରି କହୁଥିଲେ, ''ହୋଶାନ୍ନା ଦାଉଦ ସନ୍ତାନ ଧନ୍ୟ ହେଉନ୍ତୁ, ଯେ ପ୍ରଭୁଙ୍କ ନାମରେ ଆସୁଅଛନ୍ତି, ସ୍ୱର୍ଗରେ ତାଙ୍କରି ମହିମା ହୋଶାନ୍ନା ।''

ଯେତେବେଳେ ସେ ଯୀରୁଶାଲମରେ ପ୍ରବେଶ କଲେ, ସେତେବେଳେ ସମଗ୍ର ନଗରରେ କୋଳାହଳ ହୋଇ ଉଠିଲା । ଆଉ ଲୋକମାନେ କହିବାକୁ ଲାଗିଲେ, ଏ କିଏ ? ଲୋକମାନେ କହିବାକୁ ଲାଗିଲେ, ଏ ଗାଲିଲୀୟ ନାଜରିତର ଭବିଷ୍ୟଦ୍‌ବକ୍ତା ଯୀଶୁ ।

ଆଉ ଯୀଶୁ ନଗରରେ ପ୍ରବେଶ କଲା ଉତ୍ତାରେ, ସେ ଯୀହୁଦିମାନଙ୍କ ପ୍ରାର୍ଥନା ଗୃହରେ ପ୍ରବେଶ କରି, ସେଠାରେ ବ୍ୟବସାୟରେ ଲିପ୍ତ ଲୋକମାନଙ୍କୁ ବାହାର କରିଦେଲେ ଓ ସେମାନଙ୍କୁ କହିଲେ, ଏହି ଆମ୍ଭର ଗୃହ ପ୍ରାର୍ଥନାର ଗୃହ ବୋଲି କୁହାଯିବ, କିନ୍ତୁ ତୁମ୍ଭେମାନେ ତାଙ୍କୁ ଦସ୍ୟୁମାନଙ୍କ ଗହ୍ୱର ବନାଇଅଛ । ଅନେକ ଅନ୍ଧ, ଖଞ୍ଜ ଲୋକମାନେ ମନ୍ଦିରକୁ ଆସି ତାଙ୍କ ନିକଟରୁ ସୁସ୍ଥତା ଲାଭ କଲେ ।

ଯୀଶୁ ଲୋକମାନଙ୍କୁ ଅନେକ ବିଷୟରେ ଶିକ୍ଷା ଦେଇ, ସେହି ମନ୍ଦିରରେ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ । ଏହା ଦେଖି ଯାଜକମାନେ ଓ ଧାର୍ମିକ ନେତାମାନେ ତାଙ୍କୁ ବିନାଶ କରିବାକୁ

କୁମନ୍ତ୍ରଣା କଲେ । ସେମାନେ କି ପ୍ରକାର ଷଡ଼ଯନ୍ତ୍ର କରି ତାଙ୍କୁ ବଧ କରିପାରିବେ ସେମାନେ ଏହି ମନ୍ତ୍ରଣା ସ୍ଥିର କଲେ ।

ସେମାନେ ତାଙ୍କୁ ନିସ୍ତାର ପର୍ବ ସମୟରେ କ୍ରୁଶାର୍ପିତ କରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ । ଏହା ଏକ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ ପର୍ବ ଦିନ ଥିଲା । ଯୀଶୁଙ୍କ ବିରୁଦ୍ଧରେ ଯେଉଁ ଷଡ଼ଯନ୍ତ୍ର ସେମାନେ ସ୍ଥିର କରିଥିଲେ, ତାହା ସେମାନେ ସଂପର୍କ କରିବା ପାଇଁ ନିସ୍ତାର ପର୍ବର ସମାପ୍ତି ଅପେକ୍ଷା କଲେ ।

ବାର ଜଣ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ, ଯାହାର ନାମ ଯିହୁଦା ଇଷ୍କାରିୟତ୍ ଥିଲା, ସେ ପ୍ରଧାନ ଯାଜକମାନଙ୍କ ନିକଟକୁ ଯାଇ, ପରାମର୍ଶ କଲା ଯେ, ଯଦି ସେ ଯୀଶୁଙ୍କୁ ଧରାଇ ଦିଏ, ତେବେ ସେମାନେ ତାକୁ କ'ଣ ପୁରସ୍କାର ଦେବେ । ସେଥିରେ ସେମାନେ ତାକୁ ରୌପ୍ୟମୁଦ୍ରା ବହୁମାନ ରୂପେ ଦେବାକୁ ସହମତି ହେଲେ । ସେହି ସମୟଠାରୁ ଇଷ୍କାରିୟତ୍ ଯିହୁଦା, ଯୀଶୁଙ୍କୁ ଧରାଇବା ପାଇଁ ଅବସର ଖୋଜିବାକୁ ଲାଗିଲା ।

ଏହା ନିସ୍ତାର ପର୍ବର ସପ୍ତାହ ଥିଲା । ଯୀଶୁଙ୍କର ଶିଷ୍ୟମାନେ ତାଙ୍କ ଆଜ୍ଞା ଅନୁସାରେ ରାତ୍ରିଭୋଜ ପ୍ରସ୍ତୁତ କଲେ । ପର୍ବର ସେହି ରାତ୍ରିରେ ଯୀଶୁ ବାରଜଣ ଶିଷ୍ୟଙ୍କ ସହିତ ଏକତ୍ର ବସି, ସେମାନଙ୍କୁ କହିଲେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ଧରେଇ ଦେବ ! ଏହା ଶୁଣିବା କ୍ଷଣି ଶିଷ୍ୟମାନଙ୍କ ମନ ଉଦ୍‌ବିଗ୍ନ ହେବାକୁ ଲାଗିଲା, ସେମାନେ ପ୍ରତ୍ୟେକ ପଚାରିବାକୁ ଲାଗିଲେ ପ୍ରଭୁ ସେ କ'ଣ ମୁଁ ?

ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ଯିଏ ମୋ ସହିତ ପାତ୍ରରେ ହାତ ପୁରାଇଲା, ସେ ମୋତେ ଧରେଇ ଦେବ । ମନୁଷ୍ୟ ପୁତ୍ରଙ୍କ ବିଷୟରେ ଯେପରି ଲେଖାଅଛି, ତଦ୍ରୂପ ସେ ପ୍ରୟାଣ କରୁଅଛନ୍ତି, ସତ୍ୟ, କିନ୍ତୁ ଯେଉଁ ଲୋକ ଦ୍ୱାରା ସେ ଶତ୍ରୁହସ୍ତରେ ସମର୍ପିତ ହେଉଅଛନ୍ତି, ହାୟ 'ସେ' ଦଣ୍ଡର ପାତ୍ର, ସେହି ଲୋକର ଜନ୍ମ ହୋଇ ନ ଥିଲେ, ତା' ପକ୍ଷରେ ଭଲ ହୋଇଥାଆନ୍ତା ।

ଏଥିରେ ଯେଉଁ ଯୀହୁଦା ତାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବାକୁ ଯାଉଥିଲା, ସେ ଉତ୍ତର କଲେ, ହେ ଗୁରୁ, ସେ କ'ଣ ମୁଁ ?

ଆଉ ଯୀଶୁ ତାକୁ ଉତ୍ତର ଦେଲେ, ତୁମେ କହିଅଛ !

ସେହି ରାତ୍ରିରେ ସେମାନେ ସମସ୍ତେ ଏକତ୍ର ଭୋଜନ କଲେ । ସେତେବେଳେ ସେମାନେ ଭୋଜନ କରୁଥିବା ସମୟରେ, ଯୀଶୁ ରୋଟି ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି, ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ ଭୋଜନ କର, ଏହା ମୋହର ଶରୀରର !

ପୁଣି ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନ କର, କାରଣ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ଯେଉଁ ରକ୍ତ ପତିତ ହେବାକୁ ଯାଉଅଛି, ଏ ମୋହର ସେହି ରକ୍ତ ।

ସେମାନେ ଭୋଜନ କଲା ଉତ୍ତାରେ, ସ୍ତବଗାନ କରି ଜୀତପର୍ବତକୁ ବାହାରି ଗଲେ ! ସେଠାରେ ସେ ଶିଷ୍ୟମାନଙ୍କୁ ଅନେକ ବିଷୟରେ ଶିକ୍ଷା ଦେଲେ । ସେଥି ମଧ୍ୟରୁ ଅନେକ ଘଟଣା ଯାହା ଶୀଘ୍ର ଘଟିବାକୁ ଯାଉଥିଲା ।

ସେହି ରାତ୍ରିରେ ଯୀଶୁ ସେମାନଙ୍କୁ ଗେଥ୍‌ଶିମାନୀ ବଗିଚାକୁ ଆଣିଲେ, ଯେଉଁଠାରେ ଯୀଶୁ ସମ୍ପୂର୍ଣ୍ଣ ରାତ୍ରି ପ୍ରାର୍ଥନା କରିବାକୁ ଥିଲେ । ଯୀଶୁ ତାଙ୍କ ସାଥିରେ ପିତର, ଯାକୁବ, ଆଉ ଯୋହନଙ୍କୁ ସାଥୀରେ ନେଇଗଲେ ଏବଂ ବ୍ୟାକୁଳ ହେବାକୁ ଲାଗିଲେ । ସେ ସେମାନଙ୍କୁ କହିଲେ, ମୋ ସାଥୀରେ ଏଠାରେ ରହିଥାଅ । ଯୀଶୁ ଅଳ୍ପ ଦୂର ଆଗକୁ ଯାଇ ପିତାଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା କରିବାକୁ ଲାଗିଲେ ।

ସେ ସେହି ରାତିରେ ଘଟିବାକୁ ଯାଉଥିବା ଘଟଣା ବିଷୟକୁ ନେଇ ପ୍ରାର୍ଥନା କଲେ । ତାଙ୍କର ସେହି ପ୍ରାର୍ଥନାର ପ୍ରତ୍ୟେକ ବାକ୍ୟ ବାଇବଲରେ ଉଲ୍ଲେଖ ଅଛି । ଯଥା : ହେ ପିତଃ, ଯଦି ହୋଇପାରେ ତେବେ, ଏ ପାନପାତ୍ର ମୋଠାରୁ ଦୂର କର, ତଥାପି ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା । ସେ ଏହି ପ୍ରକାରେ ତିନିଥର ପ୍ରାର୍ଥନା କରିଥିଲେ । ସେ ମୃତ୍ୟୁଭୋଗ କରିବା ପର୍ଯ୍ୟନ୍ତ ତାଙ୍କ ହୃଦୟ ଦୁଃଖରେ ପୂର୍ଣ୍ଣ ଥିଲା ।

ତାଙ୍କର ଶିଷ୍ୟମାନେ ଏକ ପ୍ରହର ପାଇଁ ସୁଦ୍ଧା ଚେଇଁ ପାରିନଥିଲେ । ସେ ସମସ୍ତେ ଢୁଳେଇ ପଡ଼ିଲେ । ଶେଷରେ ଯୀଶୁ ଶିଷ୍ୟମାନଙ୍କୁ ଏହା କହି ନିଦ୍ରାରୁ ଉଠାଇଲେ, ଉଠ, ଦେଖ, ମୋତେ ଧରେଇ ଦେବା ବ୍ୟକ୍ତି ମୋର ସନ୍ନିକଟ ହେଲାଣି ।

## ମୌଖିକ ପ୍ରଶ୍ନ

୧. କେଉଁ ପଶୁ ଉପରେ ବସି, ଯୀଶୁ ଯିରୁଶାଲମକୁ ଗଲେ ?

୨. ଯେବେ ଯୀଶୁ ନଗରରେ ପ୍ରବେଶ କଲେ, ଲୋକମାନେ ତାଙ୍କ ସହିତ କି ପ୍ରକାର ବ୍ୟବହାର କଲେ ?

୩. ଯୀଶୁଙ୍କୁ ଧରେଇ ଦେବା ପାଇଁ ଯିହୁଦା କ'ଣ କରିଥିଲା ?

୪. ସେହି ନଗରରେ କେଉଁ ପର୍ବ ପାଳନ କରାଯାଉଥିଲା ?

୫. ଯିହୁଦା, ଯୀଶୁଙ୍କୁ ଧରେଇ ଦେବ ବୋଲି ଯୀଶୁ ଜାଣିଥିଲେ, ତେଣୁ ଯୀଶୁ, ଯିହୁଦାକୁ କି ପ୍ରକାର ଚେତନା ଦେଇଥିଲେ ?

୬. ରାତ୍ରିଭୋଜ ସମୟରେ, ଦ୍ରାକ୍ଷାରସ ସମ୍ବନ୍ଧରେ ଯୀଶୁ କି ପ୍ରକାର ଶିକ୍ଷା ଦେଇଥିଲେ ?

୭. ଯୀଶୁଙ୍କ ମତାନୁସାରେ ରକ୍ତ ପ୍ରକ୍ଷାଳନ କରିବାର ଆବଶ୍ୟକ କିପ୍ରକାର ଥିଲା ?

୮. ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ପ୍ରାର୍ଥନାରେ ଜାଗ୍ରତ ରହିବା ପାଇଁ ଗେଥ୍‌ଶିମାନୀ ବଗିଚାକୁ ନେଇ ଯାଉଥିଲେ, ଆଉ କେତେ ଜଣ ଶିଷ୍ୟ ପ୍ରାର୍ଥନାରେ ଜାଗ୍ରତ ଥିଲେ ?

୯. ଯୀଶୁଙ୍କୁ ହସ୍ତାର୍ପଣ କରାଯାଉଥିବା ରାତ୍ରିରେ ଯୀଶୁ କି ପ୍ରକାର ପ୍ରାର୍ଥନା କଲେ ?

# ଆତ୍ମିକ ସତ୍ୟ – ଅଧ୍ୟାୟ – ୫

## ମାଥିଉ ୨୦–୨୬

୧. **ସମସ୍ତ ବିଷୟ ପରମେଶ୍ୱରଙ୍କ ଅଧୀନ ଅଟେ ।** ଫାରୁଶୀମାନେ, ଯୀଶୁଙ୍କୁ ହଠାତ୍ ଧରିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ, କିନ୍ତୁ ଯୀଶୁ ଯେ, କ୍ରୁଶ ଉପରେ ମୃତ୍ୟୁବରଣ କରିବେ, ଏହି ଇଚ୍ଛାକୁ ପରମେଶ୍ୱର ତାଙ୍କରି ନିର୍ଦ୍ଦିଷ୍ଟ ସମୟରେ ପୂର୍ଣ୍ଣ କରିଥିଲେ ।

୨. **ଆମ୍ଭମାନଙ୍କ ହୃଦୟରେ କ'ଣ ଅଛି, ତାହା ଅନ୍ୟମାନେ ନ ଜାଣିପାରନ୍ତି, କିନ୍ତୁ ସମସ୍ତ ବିଷୟ ପରମେଶ୍ୱରଙ୍କ ଗୋଚର ।** ଯୀଶୁ ଜାଣୁଥିଲେ ଯେ, ତାଙ୍କ ଶିଷ୍ୟ ଯିହୁଦା ତାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବ ।

୩. **ଆମ୍ଭେମାନେ ଯୀଶୁଙ୍କୁ ପରିତ୍ୟାଗ କରିଥାଉ, କିନ୍ତୁ ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଏବଂ ସେହି ପ୍ରେମରେ ଆମ୍ଭମାନଙ୍କୁ ବ୍ୟବହାର କରିଥାଆନ୍ତି ।** ଯୀଶୁ, ତାଙ୍କ ଶିଷ୍ୟ ଯିହୁଦା ସହିତ ଏପରି ଉତ୍ତମ ବ୍ୟବହାର କରୁଥିଲେ ଯେ, ତାଙ୍କ ଶିଷ୍ୟମାନେ ମନେ ମନେ ଭାବି ନ ଥିଲେ ଯେ, ସେ ଶତ୍ରୁ ହସ୍ତରେ ତାଙ୍କୁ ସମର୍ପଣ କରିବ ଏବଂ ବିଶ୍ୱାସଘାତ କରିବ । ଆମ୍ଭେମାନେ ତାଙ୍କୁ ଅସ୍ୱୀକାର କରିପାରୁ, ଅଥବା ତାଙ୍କ ସହିତ ବିଶ୍ୱାସଘାତ କରିଥାଇପାରୁ, କିନ୍ତୁ ଯୀଶୁ, ଆମ୍ଭମାନଙ୍କୁ ତାଙ୍କରି ପ୍ରେମରୁ ବଞ୍ଚିତ ନ କରି ପ୍ରେମ କରନ୍ତି, ଯଦ୍ୱାରା ତାଙ୍କରି ଇଚ୍ଛାକୁ ଆମ୍ଭମାନଙ୍କ ଜୀବନରେ ସାର୍ଥକ କରିଥାନ୍ତି ।

୪. **ଆମ୍ଭମାନଙ୍କର ପାପ କ୍ଷମା ପାଇଁ, ଅଥବା ପ୍ରାୟଶ୍ଚିତ୍ତ ପାଇଁ ଯୀଶୁ ନିଜ ରକ୍ତ ଢ଼ାଳିଥିଲେ ।** ଯୀଶୁଙ୍କ ମୃତ୍ୟୁ ସମ୍ବନ୍ଧରେ ତାଙ୍କରି ଶିଷ୍ୟମାନେ, ସେହି ସମୟରେ ଜାଣିପାରି ନଥିଲେ । ସେମାନେ ଏହା ମଧ୍ୟ ଜାଣି ନ ଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ପାପ ପାଇଁ ପ୍ରାୟଶ୍ଚିତ୍ତ କରିବାକୁ ପରମେଶ୍ୱର ଚାହାଁନ୍ତି । ଆଉ ସେହି ପ୍ରାୟଶ୍ଚିତ୍ତ ଅଟେ ରକ୍ତର ବଳିଦାନ । ସେମାନେ ବୁଝିବାକୁ ପାରିଲେ ଯେ, ଯୀଶୁ ସେମାନଙ୍କୁ ପ୍ରେମ କରନ୍ତି, ଆଉ ସେମାନେ, ତାଙ୍କ ପାପରୁ କ୍ଷମା ପାଇଛନ୍ତି । ଶିଷ୍ୟମାନେ ଏହା ଜାଣିବାକୁ ଅନେକ ସମୟ ଲାଗିଲା ଯେ, ତାଙ୍କ ପାପ ପାଇଁ ଯୀଶୁ ନିଜକୁ ପ୍ରାୟଶ୍ଚିତ୍ତ କଲେ ।

* ସମସ୍ତେ ଜାଣୁ ଯେ ଆମ୍ଭେମାନେ ସମସ୍ତେ ପାପ କରିଅଛୁ । ଅନେକେ ଯୀଶୁଙ୍କର କାହାଣୀକୁ ଶୁଣି ବିଶ୍ୱାସ କରନ୍ତି ଯେ, ଯୀଶୁ ସେମାନଙ୍କୁ ପ୍ରେମ କରନ୍ତି ! ଅଳ୍ପ କେତେକ ବୁଝନ୍ତି ଯେ, ପାପର ପ୍ରାୟଶ୍ଚିତ୍ତ ପାଇଁ ପରମେଶ୍ୱର ରକ୍ତର ବଳିଦାନ ଚାହାନ୍ତି । ଯୀଶୁ ପ୍ରଭୁ ଏକ ମାତ୍ର ଈଶ୍ୱର, ଯେ ଏହି ଜଗତରେ ବାସ କଲେ, ଏବଂ ଯାହାଙ୍କଠାରେ ଲେଶମାତ୍ର ପାପ ନ ଥିଲା, ସେ ଆମ୍ଭମାନଙ୍କର ପାପ

କ୍ଷମା ପାଇଁ, ଯଥା ସମସ୍ତ ଜଗତର ପାପକୁ ନିଜ ଉପରେ ବହି ନେଇ ନିଜେ ବଳିକୃତ ହେଲେ, ଯେପରି କି ଆମ୍ଭେମାନେ ପାପରୁ କ୍ଷମା ପାଇବାକୁ ସୁଯୋଗ ପାଇପାରୁ ଏବଂ ତାଙ୍କରି ପ୍ରେମରେ ଶାନ୍ତି ପାଇବାର ଗୌରବ ପ୍ରାପ୍ତ ହୋଇପାରୁ ।

ଆଗାମୀ ସପ୍ତାହରେ ମସୀହଙ୍କର କ୍ରୁଶାର୍ପଣ ବିଷୟରେ ବିସ୍ତାର ଭାବେ ଜାଣିବାକୁ ଚେଷ୍ଟା କରିବା !

# ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍ଙ୍କ ଦ୍ୱାରା

## ''ଯୀଶୁଙ୍କୁ କ୍ରୁଶାର୍ପଣ'' ଅଧ୍ୟାୟ – ୬

**ମାଥିଉ ୨୬–୨୭**

**''ଯୀଶୁ ତାଙ୍କୁ କହିଲେ, ଆପଣ କହିଅଛନ୍ତି, ଆହୁରି ମୁଁ ଆପଣଙ୍କମାନଙ୍କୁ କହୁଅଛି, ଅଦ୍ୟାବଧି ଆପଣମାନେ ମନୁଷ୍ୟପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।'' (ମାଥିଉ ୨୬:୬୪)**

**ପୁନରିକ୍ଷଣ**

୧. ଯୀଶୁ ଜଣେ କୁମାରି ଠାରୁ ଜନ୍ମ ଗ୍ରହଣ କରିଥିଲେ, ଯାହାଙ୍କ ନାମ ________ ଥିଲା ।

୨. ବାକ୍ୟରେ ଯେପରି କୁହାଯାଇଛି, ଯୀଶୁ ________ କୁ ଚାଲିଗଲେ, କାରଣ ସେ ରାଜା ହେରୋଦଙ୍କ କବଳରୁ ପଳାୟନ କରୁଥିଲେ ।

୩. ଯୀଶୁଙ୍କର ସାଂସାରିକ ପିତା, ________ ଗୋଟିଏ ସ୍ୱପ୍ନ ଦେଖିଲେ, ଯଦ୍ଦ୍ୱାରା ତାଙ୍କୁ କୁହାଗଲା ଯେ, ରାଜା ହେରୋଦର ମୃତ୍ୟୁ ପରେ ସେ ଇଶ୍ରାଏଲକୁ ପ୍ରତ୍ୟାବର୍ତ୍ତନ କରିବେ ।

୪. ________ ଙ୍କ ଦ୍ୱାରା ବାପ୍ତିସ୍ମ ହେଲା ପରେ ଯୀଶୁ ସୁସମାଚାର କାର୍ଯ୍ୟ ଆରମ୍ଭ କଲେ ।

୫. ଯେବେ ଯୀଶୁ ଜଳରୁ ଉପରକୁ ଆସିଲେ ________ କପୋତ ପରି ସ୍ୱର୍ଗରୁ ଅବତରଣ କଲେ, ଆଉ ________ ଧ୍ୱନୀ, ସ୍ୱର୍ଗରୁ ଏହା କହିବାର ଶୁଣାଗଲା, ଏ ଆମ୍ଭର ପ୍ରିୟପୁତ୍ର, ଯାହାଙ୍କଠାରେ ଆମର ପରମ ସନ୍ତୋଷ ।

୬. ଯୀଶୁ ଅନେକଙ୍କୁ ସୁସ୍ଥ କଲେ ଏବଂ ଅନେକ ଲୋକଙ୍କୁ ତାଙ୍କ ପାପରୁ କ୍ଷମା କଲେ ।

୭. ଅନେକ ଆଶ୍ଚର୍ଯ୍ୟ କର୍ମ କରିଥିଲେ ସୁଦ୍ଧା, ଗାଲିଲୀ ନିବାସୀମାନେ ଯୀଶୁଙ୍କ ସୁସମାଚାରକୁ ________ କଲେ, ଆଉ ନିଜ ନିଜର ପାପରୁ ମନଫେରଣକୁ ଅସ୍ୱୀକାର କଲେ ।

୮. ମନଫେରଣ ଶବ୍ଦର ଅର୍ଥ କ'ଣ ?

୯. ଯେତେବେଳେ ଯୀଶୁ ଯୀରୁଶାଲମରେ ପ୍ରବେଶ କଲେ, ସେଠାରେ ଅନେକ ଜନଗହଳି ଏକତ୍ର ହୋଇ ଗୋଟିଏ ଶୋଭାଯାତ୍ରା ପରି ହେଲା । ଅନେକ ଲୋକ ତାଙ୍କୁ ସହଯୋଗ କଲେ । ସେହି ଶୋଭାଯାତ୍ରାରେ ଯୀଶୁ ଏକ ଗର୍ଦ୍ଦଭଶାବକ ଉପରେ ବସି ଯାତ୍ରା କରୁଥିଲେ ।

୧୦. ନିସ୍ତାର ପର୍ବର ରାତ୍ରି ସମୟରେ, ଯୀଶୁ ଶିଷ୍ୟମାନଙ୍କୁ କହିଲେ, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ଧରେଇ ଦେବ । ସେମାନଙ୍କ ମଧ୍ୟରୁ, ସେ କିଏ, ଏହା ସେମାନେ କେହି ଜାଣି ନ ଥିଲେ ।

୧୧. ଯୀଶୁ ସେହି ଦ୍ରାକ୍ଷାରସ ବିଷୟରେ କହିଲେ, ଯାହା ସେମାନେ ପିଉଥିଲେ, ସେ କହିଲେ, ଏ ମୋର ରକ୍ତକୁ ବୁଝାଏ, ଯାହାକି ପାପ ________ ପାଇଁ ପ୍ରକ୍ଷାଳନ ହେବ ।

୧୨. ଶିଷ୍ୟମାନେ ଏହିସବୁ କଥା ଶୁଣିଲେ, ମାତ୍ର ସେମାନେ ବୁଝି ପାରିଲେ ନାହିଁ ଯେ, ଯୀଶୁ ସେମାନଙ୍କ ପାପ ପାଇଁ ________ ଯାଉଅଛନ୍ତି ।

୧୩. ରାତ୍ରିଭୋଜନ ପରେ ସେମାନେ ଜୀତପର୍ବତକୁ ଗଲେ, ଏଥିଉତ୍ତାରେ ସେମାନେ ଗେଥ୍ଶିମାନୀକୁ ଗଲେ । ସେହି ରାତିରେ ଯୀଶୁ ପ୍ରାର୍ଥନାରେ ରତ ଥିଲେ, କିନ୍ତୁ ତାଙ୍କ ଶିଷ୍ୟମାନେ ________ ।

୧୪. ଯୀଶୁ ପ୍ରାର୍ଥନା କଲେ, ଯଦି ସମ୍ଭବ ହୋଇପାରେ ତେବେ ଏହି ପାନପାତ୍ର ମୋ ନିକଟରୁ ଦୂର ହେଉ, ଯଦ୍ୟପି ଏହା ମୁଁ ଚାହିଁବା ପରି ନ ହୋଇ ________ ଚାହିଁବା ପରି ହେଉ ।

ଯେତେବେଳେ ଯୀଶୁ, ତାଙ୍କ ଶିଷ୍ୟମାନଙ୍କୁ ନିଦ୍ରାରୁ ଜାଗ୍ରତ କରୁଥିଲେ, ସେହି ସମୟରେ ଯିହୁଦା, ଯେ ତାଙ୍କ ସହିତ ବିଶ୍ୱାସଘାତ କରିଥିଲା, ସେ, ପ୍ରଧାନ ଯାଜକ ଏବଂ ଲୋକମାନଙ୍କର ପ୍ରାଚୀନମାନଙ୍କୁ, ଖଡ୍ଗ, ଏବଂ ଲାଠିରେ ସଜ୍ଜିତ ଲୋକମାନଙ୍କୁ ନେଇ ଉପସ୍ଥିତ ହେଲା । ଯିହୁଦା ଯୀଶୁଙ୍କ ନିକଟକୁ ଆସି, ତାଙ୍କୁ ଚୁମ୍ବନ କରି କହିଲା, ''ହେ ରାବ୍ବୀ'' ନମସ୍କାର । ଯୀଶୁ ତାକୁ କହିଲେ, ହେ ପ୍ରିୟ, ଯେଉଁ କାର୍ଯ୍ୟ ନିମନ୍ତେ ଆସିଅଛ, ତାହା ଶୀଘ୍ର ପୂରଣ କର ।

ତତ୍‌କ୍ଷଣାତ୍ ଯୀଶୁଙ୍କର ଜଣେ ଶିଷ୍ୟ ଖଡ୍‌ଗ ବାହାର କରି ମହାଯାଜକଙ୍କର ଦାସର କାନ କାଟି ପକାଇଲା । ଯୀଶୁ ତାଙ୍କ ଶିଷ୍ୟମାନଙ୍କର ଧ୍ୟାନକୁ ତାଙ୍କ ପ୍ରତି ଫେରାଇଲେ ଏବଂ ସେହି ବ୍ୟକ୍ତିର କ୍ଷାନକୁ ସୁସ୍ଥ କଲେ । ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ, ଯଦି ମୁଁ ଚାହେଁ, ସ୍ୱର୍ଗଦୂତମାନଙ୍କର ଦ୍ୱାଦଶ ବାହିନୀରୁ ଅଧିକ ଦୂତଙ୍କୁ କ'ଣ ମୋ ପିତା ପ୍ରେରଣ କରିପାରିବେ ନାହିଁ । ତେବେ ଏହିପ୍ରକାର ଘଟିବ ବୋଲି ଧର୍ମଶାସ୍ତ୍ରର ବାକ୍ୟ କିପ୍ରକାରେ ସଫଳ ହେବ ? ସେହି ସ୍ଥାନର ଜନବୃନ୍ଦିକୁ ଦେଖି, ତାଙ୍କ ପ୍ରତି ମୁହଁ ଫେରି କହିଲେ, ଡକାୟତ ବିରୁଦ୍ଧରେ ବହାରିବା ପରି ଖଣ୍ଡା ଓ ଠେଙ୍ଗା, ଘେନି କ'ଣ ତୁମେମାନେ ମୋତେ ଧରିବାକୁ ଆସିଲ ? ମୁଁ ପ୍ରତିଦିନ ମନ୍ଦିରରେ ବସି ଶିକ୍ଷା ଦେଉଥିଲେ, କିନ୍ତୁ ତୁମ୍ଭେମାନେ ମୋତେ ଧରିଲ ନାହିଁ । ମାତ୍ର ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଯେପରି ସଫଳ ହୁଏ, ଏଥିନିମନ୍ତେ ଏ ସମସ୍ତ ଘଟିଅଛି । ସେତେବେଳେ ଶିଷ୍ୟମାନେ ସମସ୍ତେ, ତାଙ୍କୁ ଛାଡ଼ି ଚାଲିଗଲେ । ପରେ ଯେଉଁମାନେ ଯୀଶୁଙ୍କୁ ଧରିଥିଲେ, ସେମାନେ ତାହାଙ୍କୁ କୟାଫା ମହାଯାଜକଙ୍କ ନିକଟକୁ ଘେନିଗଲେ । ସେହି ସ୍ଥାନରେ ଶାସ୍ତ୍ରୀ ଓ ପ୍ରାଚୀନବର୍ଗ ଏକତ୍ର ହୋଇଥିଲେ, ଯୀଶୁଙ୍କୁ ଉତ୍ତର ପ୍ରତ୍ୟୁତ୍ତର କରିବା ପାଇଁ ।

ଯୀଶୁଙ୍କୁ ସେମାନେ ମୃତ୍ୟୁଦଣ୍ଡ ଦେବା ପାଇଁ, ଅନେକ ମିଥ୍ୟାସାକ୍ଷ୍ୟ ଏକତ୍ର କରିଥିଲେ । କିନ୍ତୁ ସେମାନେ ମୃତ୍ୟୁଦଣ୍ଡ ଯୋଗ୍ୟ ସାକ୍ଷ୍ୟକୁ ପ୍ରସ୍ତୁତ କରିପାରିଲେ ନାହିଁ ।

ଯେପର୍ଯ୍ୟନ୍ତ ମହାଯାଜକ ଯୀଶୁଙ୍କ ସହିତ ଚର୍ଚ୍ଚା କରିନଥିଲେ । ପରିଶେଷରେ, କାୟାଫା ଯୀଶୁଙ୍କୁ ପଚାରିଲେ, ଆମ୍ଭେ ତୁମ୍ଭକୁ ଜୀବନ୍ତ ଈଶ୍ୱରଙ୍କ ନାମରେ ଶପଥ ଦେଉଅଛୁ, ଆମ୍ଭମାନଙ୍କୁ କୁହ, ତୁମ୍ଭେ କି ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ।

ଯୀଶୁ ତାଙ୍କୁ କହିଲେ, ଆପଣ କହିଅଛନ୍ତି । ଆହୁରି ମୁଁ ତୁମ୍ଭମାନଙ୍କୁ କହୁଅଛି, ଅଦ୍ୟାବଧି ଆପଣମାନେ, ମନୁଷ୍ୟପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।

ସେଥିରେ ମହାଯାଜକ ଆପଣା ବସ୍ତ୍ର ଚିରି କହିଲେ, ଏ ଈଶ୍ୱର ନିନ୍ଦା କଲା । ସେଠାରେ ଏକତ୍ରିତ ଲୋକସମୂହ ଯୀଶୁଙ୍କ ମୁଖରେ ଛେପ ପକାଇବାକୁ, ବିଧାମାରିବାକୁ ଓ ଚାପୁଡ଼ା ମାରି ପରିହାସ କରି କହିଲେ, ରେ ଖ୍ରୀଷ୍ଟ, ତୁ ପରା ଭାବବାଦୀ, ଆମ୍ଭମାନଙ୍କୁ କହତ କିଏ ତୋତେ ମାଇଲା ।

ପ୍ରଭାତ ହୁଅନ୍ତେ, ସମସ୍ତ ଯାଜକଦଳ ଓ ପ୍ରାଚୀନମାନେ ଏକତ୍ର ହୋଇ ଯୀଶୁଙ୍କୁ, ବଧ କରିବା ନିମନ୍ତେ ମନ୍ତ୍ରଣା କରି, ତାଙ୍କୁ ନେଇ ରୋମ ଶାସନକର୍ତ୍ତା, ପିଲାତଙ୍କ ନିକଟରେ ପହଞ୍ଚିଲେ । ଯୀଶୁଙ୍କୁ ଶାସନକର୍ତ୍ତାମାନଙ୍କ ସମ୍ମୁଖରେ ଦୋଷୀ ବୋଲି ନିରୂପଣ କଲେ । ସେମାନଙ୍କୁ ବା ସେମାନଙ୍କର ମଣ୍ଡଳୀକି, ପ୍ରାଣଦଣ୍ଡ ଦେବାକୁ କୌଣସି ଅଧିକାର ନଥିଲା । ସେମାନେ ପିଲାତଙ୍କ ନିକଟରେ ଅଭିଯୋଗ କରି କହିଲେ ଯେ, ଯୀଶୁ ନିଜକୁ ଯୀହୁଦୀମାନଙ୍କର ରାଜା ବୋଲି ସ୍ୱୀକାର କରୁଅଛି ଏବଂ ଜନସମୂହରେ ଘୋଷଣା ମଧ କହୁଅଛ ଏବଂ ରୋମ ଶାସନକର୍ତ୍ତାମାନଙ୍କ ବିରୁଦ୍ଧରେ ରାଜଦ୍ରୋହ କରୁଅଛି ।

ପିଲାତ ଯୀଶୁଙ୍କୁ ନେଇ ପଚାରିବାକୁ ଲାଗିଲେ, ତୁମେକି ଯୀହୂଦିମାନଙ୍କ ରାଜା ଅଟ ? ଯୀଶୁ ଉତ୍ତର ଦେଲେ, ତୁମେ କହିଅଛ ।

ପିଲାତ, ଯୀଶୁଙ୍କୁ ବିଚାର କରି ତାଙ୍କ ବିରୁଦ୍ଧରେ କୌଣସି ଦୋଷ ପ୍ରାଣଦଣ୍ଡ ଯୋଗ୍ୟ ନିରୂପଣ କରିପାରିଲେ ନାହିଁ । ଆଉ ସେ ବିଚାରାସନରେ ବସିଥିବା ସମୟରେ ତାହାଙ୍କ ସ୍ତ୍ରୀ, ତାଙ୍କ ପାଖକୁ କହି ପଠାଇଲେ, ସେହି ଧାର୍ମିକ ଲୋକଙ୍କ କଥାରେ ତୁମ୍ଭେ ଆଦୌ ହାତ ଦିଅ ନାହିଁ, କାରଣ ତାହାଙ୍କ ଯୋଗୁ ମୁଁ ଆଜି ସ୍ୱପ୍ନରେ ବହୁତ କଷ୍ଟ ଭୋଗିଅଛି । ପିଲାତ ଜାଣୁଥିଲେ, ଯେ, ପ୍ରାଚୀନମାନେ ଓ ଯାଜକମାନେ, ଯୀଶୁଙ୍କ ପ୍ରତି ଇର୍ଷାରେ, ବିଚାର କରିବାକୁ ସମର୍ପଣ କରିଅଛନ୍ତି । କିନ୍ତୁ ଲୋକମାନଙ୍କର ଉତ୍ତେଜନାକୁ ଦେଖି ପିଲାତ କ'ଣ କରାଯିବ, ଚିନ୍ତାମଗ୍ନ ହୋଇଥିଲେ ।

ସେମାନଙ୍କ ବିଧି ଅନୁସାରେ ନିସ୍ତାରପର୍ବ ସମୟରେ ଶାସନକର୍ତ୍ତା ଜଣେ ବନ୍ଦୀଙ୍କୁ ମୁକ୍ତ କରିଥାନ୍ତି, ସେହି ବର୍ଷର ପର୍ବ ସମୟରେ ଜଣେ କୁଖ୍ୟାତ ଦସ୍ୟୁ, ଯାହାର ନାମ ବାରବ୍ବା, ସେ ବନ୍ଦିତ୍ୱାବସ୍ଥାରେ ଥିଲେ । ଏଣୁ ପିଲାତ ଲୋକମାନଙ୍କ ମଧ୍ୟରେ ଗୋଟିଏ ବିକଳ୍ପ ରଖିଲେ ଯେ, ଏହି ବର୍ଷ ସେ ଯୀଶୁ ଅବା ବାରବ୍ବାକୁ ମୁକ୍ତ କରିବେ । ସେମାନେ ନିର୍ଣ୍ଣୟ କରିବାକୁ ସୁଯୋଗ ଦେଲେ । ଆଉ ପଚାରିଲେ, ବାରବ୍ବା ଅଥବା ଯୀଶୁ ଯାହାଙ୍କୁ ମସୀହ କୁହାଯାଏ ? କିନ୍ତୁ ଲୋକଗହଳ, ଯେଉଁମାନେ ଯୀଶୁଙ୍କ ଲାଗି ଫାରୁଶୀମାନଙ୍କ ସହିତ ନାରାଜ ଥିଲେ, ସେମାନେ ବାରବ୍ବାକୁ ମୁକ୍ତ କରାଯାଉ ବୋଲି ଚିତ୍କାର କଲେ ।

ତେବେ ପିଲାତ ଲୋକଗହଳକୁ ପଚାରିଲେ ଯାହାକୁ ଯୀଶୁ ମସୀହ କୁହାଯାଏ, ତାଙ୍କ ସାଥୀରେ ଆମେ କ'ଣ କରିବା ? ସେଥିରେ ସେମାନେ ଚିତ୍କାର କରି କହିଲେ, ତାକୁ କ୍ରୁଶରେ ଚଢ଼ାଅ । ଆଉ ପିଲାତ ଦେଖିଲେ ଯେ, ଗଣ୍ଡଗୋଳ ଅନିୟନ୍ତ୍ରିତ ସ୍ଥିତି ଅବଲମ୍ବନ କରିଅଛି ଏବଂ ସେ ଯୀଶୁଙ୍କ ପକ୍ଷରେ କିଛି କରିପାରୁ ନାହାନ୍ତି, ତେବେ ସେ ସମସ୍ତଙ୍କ ସମ୍ମୁଖରେ ହସ୍ତ ପ୍ରକ୍ଷାଳନ କରି କହିଲେ, ଏହି ରକ୍ତପାତରେ ଆମ୍ଭେ ନିର୍ଦ୍ଦୋଷ, ତୁମ୍ଭେମାନେ ତାହା ବୁଝ । ଆଉ ସେ ବାରବ୍ବାକୁ ମୁକ୍ତ କଲେ ଏବଂ ଯୀଶୁଙ୍କୁ କୋରଡ଼ା ପ୍ରହାର କରାଇ କ୍ରୁଶରେ ଚଢ଼ାଇବା ନିମନ୍ତେ ସମର୍ପଣ କଲେ !

ଏଥିଉତ୍ତାରେ ପିଲାତଙ୍କ ସୈନ୍ୟମାନେ ଯୀଶୁଙ୍କୁ ପ୍ରାସାଦ ଭିତରକୁ ଘେନିଯାଇ ତାଙ୍କ ବସ୍ତ୍ର ବାହାର କରି, କୃଷ୍ଣଲୋହିତ ବର୍ଣ୍ଣର ବସ୍ତ୍ର ଯୀଶୁଙ୍କୁ ପିନ୍ଧାଇଲେ । ଆଉ କଣ୍ଟାର ମୁକୁଟ ବନାଇ ତାଙ୍କ ମୁଣ୍ଡରେ ଦେଲେ ପୁଣି ତାଙ୍କ ସମ୍ମୁଖରେ ଆଣ୍ଠୁପାତି, ହେ ଯୀହୁଦୀମାନଙ୍କ ରାଜା ନମସ୍କାର, ଏହା କହି ତାଙ୍କୁ ପରିହାସ କଲେ ଏବଂ ତାହାଙ୍କ ଡାହାଣ ହାତରେ ଗୋଟିଏ ନଳ ମଧ୍ୟ ଦେଲେ । ପୁଣି ସୋମାନେ ତାଙ୍କ ଉପରେ ଛେପ କାଇଲେ ଓ ସେହି ନଳ ଘେନି ତାଙ୍କ ମୁଣ୍ଡରେ ମାରିବାକୁ ଲାଗିଲେ । ସେମାନେ ପରିହାସ କଲା ଉତ୍ତାରେ, ସେମାନେ ବସ୍ତ୍ର କାଢ଼ି ନେଇ ତାଙ୍କର ନିଜ ବସ୍ତ୍ର ତାଙ୍କୁ ପିନ୍ଧାଇ, ''ଗଲ୍‌ଗଥା'' ନାମକ ସ୍ଥାନକୁ ଅର୍ଥାତ୍ କପାଳ ସ୍ଥଳ ନାମକ ସ୍ଥାନକୁ ନେଇଗଲେ । ଯେଉଁଠାରେ ଯୀଶୁଙ୍କୁ କ୍ରୁଶାର୍ପିତ ହେବାକୁ ଥିଲା । ସେଠାରେ ଯୀଶୁ କ୍ରୁଶାର୍ପିତ ହେଲେ, ତାଙ୍କ କ୍ରୁଶ ଉପରେ ଅଭିଯୋଗ ପତ୍ର ଟଙ୍ଗାଗଲା, ଯେଉଁଥିରେ ଲେଖାଥିଲା, ''ଏ ଯୀହୁଦିମାନଙ୍କରା ରାଜା ଯୀଶୁ'' । ତାଙ୍କ ଦକ୍ଷିଣ ଓ ବାମ ପାଖରେ ଦୁଇଜଣ ଡକାୟତଙ୍କୁ ମଧ୍ୟ କ୍ରୁଶରେ ଟଙ୍ଗାଗଲା । ଯୀଶୁ କ୍ରୁଶ ଉପରେ ମଧ୍ୟାହ୍ନ ଦୁଇ ପ୍ରହରରୁ ତୃତୀୟ ପ୍ରହର ପର୍ଯ୍ୟନ୍ତ ଥିବା ସମୟରେ ସେହି ଦେଶଯାକ ଅନ୍ଧକାର ଘୋଟିଗଲା । ଶେଷ ପ୍ରହରରେ ଯୀଶୁ ଉଚ୍ଚ ସ୍ୱରରେ କହିବାକୁ ଲାଗିଲେ, ''ଏଲୀ, ଏଲୀ, ଲାମା, ସବକ୍ଥାନି'' । ଅର୍ଥାତ୍ ହେ ମୋର ପରମେଶ୍ୱର, ହେ ମୋର ପରମେଶ୍ୱର, ତୁମେ ମୋତେ କାହିଁକି ପରିତ୍ୟାଗ କଲ ? କିଛି ସମୟ ପରେ ସେ ଉଚ୍ଚସ୍ୱରରେ ଡାକି ଆପଣା ପ୍ରାଣ ତ୍ୟାଗ କଲେ ।

ଯେବେ ଯୀଶୁ ପ୍ରାଣତ୍ୟାଗ କଲେ, ସେ ସମୟରେ ସେହି ନଗରରେ ଭୟଙ୍କର ଘଟଣା ଘଟିଲା । ମନ୍ଦିରର ବିଚ୍ଛେଦବସ୍ତ୍ର ଉପରୁ ତଳ ପର୍ଯ୍ୟନ୍ତ ଦୁଇ ଭାଗରେ ଚିରିଗଲା । ପୃଥିବୀ ଟଳମଳ ହେଲା ଆଉ ଭୂମିକମ୍ପ ହେଲା ଓ ଶୈଳସବୁ ବିଦୀର୍ଣ୍ଣ ହେଲା ପୁଣି ସମାଧିସମୂହ ଉନ୍ମୁକ୍ତ ହେଲା, ପୁଣି ତାହାଙ୍କ ଉତ୍‌ଥାନ ଉତ୍ତାରେ ସେମାନେ ସମାଧିରୁ ବାହାରି ପୂଣ୍ୟ ନଗରୀରେ ପ୍ରବେଶ କଲେ ଓ ଅନେକଙ୍କୁ ଦର୍ଶନ ଦେଲେ ।

## ମୌଖିକ ପ୍ରଶ୍ନ

୧. ଯୀଶୁ କିପରି ବିଶ୍ୱାସଘାତ ହେଲେ ?

୨. ଯୀଶୁଙ୍କୁ ରକ୍ଷା କରିବା ନିମନ୍ତେ ଯୀଶୁଙ୍କର ଜଣେ ଶିଷ୍ୟ କିଛି କଲେ । ତାହା କ'ଣ ଥିଲା ଓ ସେଥିପ୍ରତି ଯୀଶୁଙ୍କର ପ୍ରତିକ୍ରିୟା କ'ଣ ଥିଲା ?

୩. ତାଙ୍କର ଧରାପଡୁଥିବା ସମୟରେ ଶିଷ୍ୟମାନେ କ'ଣ କରୁଥିଲେ ?

୪. ଲୋକମାନେ ଯୀଶୁଙ୍କୁ ବଗିଚାଠାରୁ କେଉଁ ସ୍ଥାନକୁ ଘେନିଗଲେ ?

୫. ଯଦିବା ସେଠାରେ ଅନେକ ମିଥ୍ୟା ସାକ୍ଷ୍ୟ ଥିଲା, ତଥାପି କେମିତି ସେମାନେ ଯୀଶୁଙ୍କୁ ନିନ୍ଦା କରି ସାବ୍ୟସ୍ତ କଲେ ?

୬. ପ୍ରଭାତ ହୁଏନ୍ତେ ଯିହୂଦୀ ନେତାଗଣ ଯୀଶୁଙ୍କୁ କେଉଁ ସ୍ଥାନକୁ ନେଇଗଲେ ?

୭. ପିଲାତ ଯୀଶୁଙ୍କ ସହିତ କଥୋପକଥନ ହେଲା ପରେ, ସେ ଯୀଶୁଙ୍କଠାରେ କିଛି ଦୋଷ ପାଇଲେ ନାହିଁ, କିନ୍ତୁ ଲୋକଙ୍କ ପ୍ରତି ଭୟଭୀତ ହେଲେ, ତେଣୁ ସେ ଲୋକମାନଙ୍କୁ ଏକ ବିକଳ୍ପ ଦେଲେ ଓ ଲୋକମାନଙ୍କର ପସନ୍ଦ କ'ଣ ଥିଲା ?

୮. ସୈନ୍ୟ ଯୀଶୁଙ୍କ ସହିତ କିପ୍ରକାର ବ୍ୟବହାର କଲା ?

୯. ତିନି ଘଣ୍ଟାର ଅନ୍ଧକାର ପରେ, ଯୀଶୁ ପିତା ଈଶ୍ୱରଙ୍କୁ ଚିତ୍କାର କଲେ । ଯେତେବେଳେ ସେ ଚିତ୍କାର କଲେ ତ ଯୀଶୁଙ୍କର ଆତ୍ମାଙ୍କର କ'ଣ ହେଲା ?

# ଆତ୍ମିକ ସତ୍ୟ – ଅଧ୍ୟାୟ – ୬

# ମାଥିଉ ୨୬–୨୭

୧. ଯୀଶୁ କିଏ ଅଟନ୍ତି ? **''ଅଦ୍ୟାବଧି ଆପଣମାନେ ମନୁଷ୍ୟପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।''** ମହାଯାଜକଙ୍କୁ ଯୀଶୁ ଏହି ଉତ୍ତର ଦେଲେ ଏବଂ ଏହି ହେତୁରୁ ତାହାଙ୍କୁ କ୍ରୁଶବିଦ୍ଧ ନିମନ୍ତେ ନିଆଗଲା । ଏହି ଉତ୍ତରକୁ ସେହି ଲୋକମାନେ ଗ୍ରହଣ କରିପାରିଲେ ନାହିଁ । ଏହି ପୃଥିବୀରେ ଜନ୍ମିଥିବା ପ୍ରତ୍ୟେକ ଲୋକ ଏହି ପ୍ରଶ୍ନରେ ସଂଘର୍ଷ କରିବେ । ପ୍ରକୃତରେ ଯୀଶୁ କିଏ ଅଟନ୍ତି ? ଯଦି ପ୍ରକୃତରେ ଯୀଶୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆସୁଅଛନ୍ତି, ତେବେ ଆମେ ପ୍ରତ୍ୟେକଙ୍କୁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ, ଆମେ କିପରି ତାହାଙ୍କୁ ପ୍ରତ୍ୟୁତ୍ତର ଦେବା ।

୨. ବରବ୍ବାଙ୍କ ସ୍ଥାନରେ ଯୀଶୁ କ୍ରୁଶାର୍ପିତ ହୋଇଥିଲେ, ଏକ ଦୁଷ୍ଟ ଅପରାଧି ଏବଂ ବରବ୍ବା ମୁକୁଳି ଯାଇଥିଲା ।

* ହୋଇପାରେ ମୁଁ ଜଣେ ଦୁଷ୍ଟ ଅପରାଧି ନୁହେଁ, କିନ୍ତୁ ବରବ୍ବାଙ୍କ ସଦୃଶ, ଈଶ୍ୱରଙ୍କ ସମ୍ମୁଖରେ ମୁଁ ଜଣେ ପାପୀ ଓ ମୃତ୍ୟୁଦଣ୍ଡର ଯୋଗ୍ୟ ଅଟେ । ରୋମୀୟ ୬:୨୩ରେ ଲେଖାଯାଏ, **''ପାପର ବେତନ ମୃତ୍ୟୁ''** । ତାହାର ଅର୍ଥ ହେଲା, ଆମ୍ଭେମାନେ ସମସ୍ତେ ମରିବାରେ ଯୋଗ୍ୟ ଅଟୁ, କାରଣ ଆମ୍ଭେମାନେ ଆମ୍ଭମାନଙ୍କ ଜୀବନରେ କୁକର୍ମସବୁ କରିଅଛୁ । ହୋଇପାରେ ବରବ୍ବାଙ୍କ ସଦୃଶ ଆମେ ସେତେ ଅଧିକ ପାପ କରିଥାଇ ନ ପାରୁ କିମ୍ବା ହୋଇପାରେ ଆମେ ଯୀଶୁଙ୍କର କେତେକ ଶିଷ୍ୟମାନଙ୍କ ସଦୃଶ୍ୟ ଉତ୍ତମ ହୋଇଥାଇପାରୁ ।

୩. **ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ନିମନ୍ତେ ସେ ଆଘାତପ୍ରାପ୍ତ ହେଲେ, ବିଚାରିତ ହେଲେ ଓ ହତ ହେଲେ ।** ଏହି କାରଣ ହେତୁ ଯୀଶୁ ଜଗତକୁ ଆସିଲେ । ଈଶ୍ୱର ଚାହାନ୍ତି କି ଆମ୍ଭେମାନେ କରିଥିବା ପାପରୁ ଆମେ ମୂଲ ଦେବା । ଯୀଶୁ ଆମ୍ଭମାନଙ୍କୁ ଋଣମୁକ୍ତ କଲେ ଯଦ୍ୱାରା ଆମେ ଈଶ୍ୱରଙ୍କ ସମ୍ମୁଖରେ କ୍ଷମାପ୍ରାପ୍ତ ହୋଇ ଠିଆ ହୋଇପାରିବା । କେତେକ ଲୋକ କହିଲେ, ଯୀଶୁ ଆମ୍ଭମାନଙ୍କ ନିମନ୍ତେ ମରିଥିବା ଜଣେ ବ୍ୟକ୍ତି ନା ଜଣେ ଭାବବାଦୀ । କିନ୍ତୁ ଯୀଶୁଙ୍କର ସ୍ୱୀକାର ଅନୁସାରେ ଏହା ସତ୍ୟ ନୁହେଁ । ସେ ନିଜକୁ ଈଶ୍ୱର କହିଲେ ଏବଂ ଆମ୍ଭମାନଙ୍କ ପାପ ନିମନ୍ତେ ମରିବାକୁ ପୃଥିବୀକୁ ଆସିଲେ ।

୪. **ଯୀଶୁ ଆପଣା ପ୍ରାଣ ତ୍ୟାଗ କଲେ ।** ଯେଉଁ କୌଣସି ମୁହୂର୍ତ୍ତରେ ଯୀଶୁ କ୍ରୁଶରୁ ଓହ୍ଲାଇ ଆସିପାରିଥାନ୍ତେ । କେବଳ ଗୋଟିଏ ଶବ୍ଦରେ ସେ ସେହି ଲୋକମାନଙ୍କୁ ଯିଏ ତାହାର ପରିହାସ କଲେ ସେମାନଙ୍କୁ ବଧ କରିପାରିଥାନ୍ତେ । କିନ୍ତୁ ତାହାଙ୍କର ସ୍ୱଇଚ୍ଛାରେ ସେ ପରିହାସକୁ ସହ୍ୟ

କଲେ ଓ ନିଯୁକ୍ତ ସମୟ ପର୍ଯ୍ୟନ୍ତ କ୍ରୁଶରେ ରହିଲେ । ଯେତେବେଳେ ତାହାଙ୍କର କାର୍ଯ୍ୟ ସମାପ୍ତ ହେଲା, ସେତେବେଳେ ସେ ତାହାଙ୍କର ପ୍ରାଣକୁ ତ୍ୟାଗ କଲେ । ଆମ୍ଭମାନଙ୍କର ପାପର ଋଣ ପରିଶୋଧ କରିବା ନିମନ୍ତେ ସେ ମରିବାକୁ ଇଚ୍ଛା କଲେ । ଯୋହନ ୩:୧୬ରେ ବାଇବଲ କହେ, ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।''

* ଆଗାମୀ ଅଧ୍ୟାୟରେ, ଆମ୍ଭେମାନେ ଯୀଶୁଙ୍କର ପୁନରୁତ୍‌ଥାନକୁ ଅଧ୍ୟୟନ କରିବା । ସତ ଏହାକି ଯୀଶୁ ମୃତ ନୁହନ୍ତି କିନ୍ତୁ ଜୀବିତ ଅଟନ୍ତି ଓ ଆଜି ସେ ଆପଣଙ୍କ ହୃଦୟରେ ଆସିବାକୁ ଚାହାନ୍ତି । ସେ ଆପଣଙ୍କର ସମସ୍ତ ପାପରୁ ଆପଣଙ୍କ ହୃଦୟକୁ ଶୁଚି କରିବାକୁ ଚାହାନ୍ତି ଓ ଆପଣଙ୍କ ସଂପୂର୍ଣ୍ଣ ଜୀବନକୁ ବଦଳାଇବାକୁ ଚାହାନ୍ତି ।

* *ନେତା – ଯଦି ଆପଣଙ୍କୁ ଭଲ ଲାଗୁଛି ଓ ପବିତ୍ରଆତ୍ମା କହୁଛନ୍ତି, ତେବେ ଅଧ୍ୟାୟର ଶେଷରେ ଆପଣ ଆମନ୍ତ୍ରଣକୁ ଆହୁରି ବଢ଼ାଇ ପାରିବେ ।*

# ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର

ଖ୍ରୀଷ୍ଟି. ଏ. ବ୍ରାଉନର୍‌ଙ୍କ ଦ୍ୱାରା

## ''ଯୀଶୁଙ୍କ ପୁନରୁତ୍ଥାନ'' ଅଧ୍ୟାୟ – ୭

**ମାଥିଉ ୨୭–୨୮**

**''ଭୟ କର ନାହିଁ, କାରଣ ତୁମ୍ଭେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ତାହା ମୁଁ ଜାଣେ । ସେ ଏଠାରେ ନାହାନ୍ତି । ସେ ଯେପରି କହିଥିଲେ, ସେହିପରି ଉଠି ଅଛନ୍ତି'' ମାଥିଉ ୨୮:୫–୬ ।**

**ପୁନରାବୃତ୍ତି**

୧. ଯୀଶୁଙ୍କୁ ଯେଉଁ କୁମାରୀ କନ୍ୟା ଜନ୍ମ ଦେଇଥିଲେ ତାଙ୍କର ନାମ ________ ଥିଲା ।

୨. ଯୀଶୁ ବାପ୍ତିଜକ ଯୋହନଙ୍କ ଦ୍ୱାରା ________ ହୋଇ ତାଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ ।

୩. ଯୀଶୁଙ୍କ ବାପ୍ତିସ୍ମରେ ________ ________ ଯୀଶୁଙ୍କ ଉପରେ କପୋତ ପରି ଅବତରଣ କଲେ । ଆଉ ସ୍ୱର୍ଗରୁ ଈଶ୍ୱରଙ୍କ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ________ ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ । ଏହା ଆମକୁ ଈଶ୍ୱରଙ୍କ ତ୍ରୋୟ ବ୍ୟକ୍ତିତ୍ୱ ବିଷୟରେ ଦେଖାଯାଏ, ________ ପରମେଶ୍ୱର, ________ ପରମେଶ୍ୱର, ________ ପରମେଶ୍ୱର ।

୪. ଯୀଶୁ ଅନେକ ଲୋକଙ୍କର ରୋଗ ସୁସ୍ଥ କଲେ ଏବଂ ସେମାନଙ୍କର ________ କ୍ଷମା କଲେ ।

୫. ଯଦ୍ୟପି ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ, ଯେଉଁ ଲୋକମାନେ ଗାଲୀଲିରେ ବାସ କରୁଥିଲେ, ସେମାନେ ଯୀଶୁଙ୍କ ବାକ୍ୟକୁ ପରିତ୍ୟାଗ କଲେ ଏବଂ ସେମାନଙ୍କର ________ କ୍ଷମା କରିବାକୁ ଇଚ୍ଛା କଲେ ନାହିଁ ।

୬. ''ଅନୁତାପ'' ଶବ୍ଦର ଅର୍ଥ କ'ଣ ?

୭. ଯୀଶୁ କହିଲେ, ଦ୍ରାକ୍ଷାରସ ହେଉଛି, ତାହାଙ୍କ ରକ୍ତର ନିଦର୍ଶନ ଏହା ଅନେକଙ୍କ ________ ନିମନ୍ତେ ପାତିତ ହୋଇଅଛି ।

୮. ଯୀଶୁ ଗେଥ୍‌ସମନୀ ବଗିଚାରେ ପ୍ରାର୍ଥନା କରୁଥିବା ବେଳେ ଫାରୂଶୀମାନେ ତାହାଙ୍କୁ ଧରି ମହାଯାଜକଙ୍କ ଗୃହକୁ ନେଲେ ଯାହାଙ୍କର ନାମ ________ ଥିଲା ।

୯. ମହାଯାଜକ ଯୀଶୁଙ୍କୁ ପଚାରିଲେ ଯଦି ତୁମେ ସେ ଏବଂ ଯୀଶୁ ଉତ୍ତର ଦେଇଥିଲେ ସେ ________ ଥିଲେ । ଏହି ସମୟରେ ଲୋକମାନେ ଯୀଶୁଙ୍କ ପାଖକୁ ଆସିଲେ ଏବଂ ତାହାଙ୍କ ମୁଖରେ ________ ଏବଂ ତାହାଙ୍କୁ ________ ମାରିଲେ ।

୧୦. ଯେତେବେଳେ ସକାଳ ଆସିଲା, ଫାରୂଶୀମାନେ ଯୀଶୁଙ୍କୁ ରୋମୀୟ ସରକାର ପାଖକୁ ନେଲେ, ଯାହାଙ୍କର ନାମ ________ ଥିଲା ।

୧୧. ପିଲାତ ଯୀଶୁଙ୍କଠାରେ କୌଣସି ଦୋଷ ପାଇଲେ ନାହିଁ । କିନ୍ତୁ ତାଙ୍କୁ କ୍ରୁଶାର୍ପିତ ପାଇଁ ଅନୁମତି ଦେଲେ । କାରଣ ଲୋକମାନଙ୍କ ଯୋଗୁଁ ________ ଭୟ କରୁଥିଲେ ।

୧୨. ରୋମୀୟ ସୈନ୍ୟମାନେ ଯୀଶୁଙ୍କୁ ଯନ୍ତ୍ରଣା ଦେଲେ । ସେମାନେ ତାହାଙ୍କ ମସ୍ତକ ଉପରେ ________ ମୁକୁଟ ରଖିଲେ ଏବଂ ତାହାଙ୍କ ମସ୍ତକକୁ ଲୁହାରେ ଆଘାତ କଲେ, ଯେଉଁ ଲୁହା ତାହାଙ୍କୁ ଧରିବାକୁ ଦେଇଥିଲେ ।

୧୩. ଯୀଶୁ ଯେଉଁ କ୍ରୁଶରେ ଝୁଲିଥିଲେ ତାହାର ଉପରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଲେଖାଥିଲା : ''ଏହି ଯୀଶୁ, ଯିହୂଦୀମାନଙ୍କର ________ ।''

୧୪. ଛଅ ଘଣ୍ଟାଠାରୁ ନଅ ଘଣ୍ଟା ପର୍ଯ୍ୟନ୍ତ ପୃଥିବୀ ଉପରେ ________ ହୋଇଥିଲା ।

ଯୋଷେଫ ନାମକ ହାରାମାଥୀୟାର ଜଣେ ଧନୀ ଲୋକ ଥିଲେ । ସେ ମଧ୍ୟ ଯୀଶୁଙ୍କର ଜଣେ ଶିଷ୍ୟ ଥିଲେ । ସେ ପିଲାତଙ୍କ ନିକଟକୁ ଯାଇ ଯୀଶୁଙ୍କ ଶରୀର ମାଗିଲେ । ସେଥିରେ ପିଲାତ ଏହି ଅନୁରୋଧରେ ରାଜି ହେଲେ ଏବଂ ଯୀଶୁଙ୍କୁ ଏକ ନୂତନ ସମାଧିରେ ରଖିଲେ । ଆଉ ସେ ସମାଧି-ଦ୍ୱାରରେ ଖଣ୍ଡିଏ ବଡ଼ ପଥର ଗଡ଼ାଇ ଦେଲେ ।

ତହିଁ ଆର ଦିନ ଫାରୂଶୀମାନେ ଏକତ୍ର ହୋଇ ପିଲାତ ପାଖକୁ ଗଲେ । କାରଣ ଯୀଶୁ କହିଥିଲେ, ମୁଁ ତୃତୀୟ ଦିନ ଉତ୍ତାରେ ଉଠିବି । ସେମାନେ ଯୀଶୁଙ୍କର କହିବା ବାକ୍ୟ ସ୍ମରଣ କଲେ କାଳେ ଏହି କଥା ଘଟିଯାଇପାରେ ସେଥିପାଇଁ ତୃତୀୟ ଦିନ ପର୍ଯ୍ୟନ୍ତ ସମାଧିର ସୁରକ୍ଷା ନିମନ୍ତେ ପିଲାତକୁ ଅନୁରୋଧ କଲେ । ପିଲାତ ସେମାନଙ୍କୁ ଅନୁମତି ଦେଲେ । ତେଣୁ ସେମାନେ ଯାଇ ପ୍ରହରୀ ଦଳ ସହିତ ପ୍ରସ୍ତରରେ ମୁଦ୍ରାଙ୍କ ଦେଇ ସମାଧି ସୁରକ୍ଷିତ କଲେ ।

ସପ୍ତାହର ପ୍ରଥମ ଦିନରେ ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଗଲେ, ଯେଉଁଠାରେ ଯୀଶୁଙ୍କୁ ରଖାଯାଇଥିଲା । ଯେତେବେଳେ ସେମାନେ ସେଠାରେ ପହଞ୍ଚିଲେ ମହାଭୂମିକମ୍ପ ହେଲା । ଯେଉଁ ପଥର ସମାଧି ପାଇଁ ମୁଦ୍ରାଙ୍କିତ ହୋଇଥିଲା, ତାହା ଘୁଞ୍ଚିଗଲା ଏବଂ ପ୍ରଭୁଙ୍କର ଦୂତ ସେହି ପଥର ଉପରେ ବସିଥିଲେ । ଯେଉଁ ଜଗୁଆଳୀମାନେ ସମାଧିକୁ ଜଗିଥିଲେ, ସେମାନେ ଭୟରେ କମ୍ପମାନ ହୋଇ ମୃତ ଲୋକ ପରି ହେଲେ ।

କିନ୍ତୁ ଦୂତ ସ୍ତ୍ରୀ ଲୋକମାନଙ୍କୁ କହିଲେ, ''ଭୟ କର ନାହିଁ, ତୁମ୍ଭେମାନେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ତାହା ମୁଁ ଜାଣେ । ସେ ଏଠାରେ ନାହାନ୍ତି, ସେ ଯେପରି କହିଥିଲେ, ସେହିପରି ଉଠିଅଛନ୍ତି । ଆସି ଦେଖ, ପ୍ରଭୁ ଯେଉଁ ସ୍ଥାନରେ ଶୋଇଥିଲେ, ଶୀଘ୍ର ଯାଅ ଏବଂ ତାହାଙ୍କ ଶିଷ୍ୟମାନଙ୍କୁ କୁହ ସେ ମୃତ୍ୟୁରୁ ଉଠିଅଛନ୍ତି । ପୁଣି ଦେଖ, ସେ ତୁମ୍ଭମାନଙ୍କ ଆଗେ ଗାଲୀଲିକି ଯାଇଅଛନ୍ତି, ଦେଖ ମୁଁ ତୁମ୍ଭମାନଙ୍କୁ କହିଅଛି, ତୁମ୍ଭେମାନେ ତାଙ୍କୁ ସେଠାରେ ଦେଖିବ ।''

ଏଥିରେ ସ୍ତ୍ରୀ ଲୋକମାନେ ସମାଧି ବାହାରୁ ଭୟ ଓ ମହାଆନନ୍ଦର ସହ ଶୀଘ୍ର ଦୌଡ଼ି ଯାଇ ଯାହା ଘଟିଅଛି, ଶିଷ୍ୟମାନଙ୍କୁ ଜଣାଇଲେ । ଆଉ ଦେଖ, ଯୀଶୁ ସେମାନଙ୍କୁ ସାକ୍ଷାତ୍ କରି କହିଲେ, ''ତୁମ୍ଭମାନଙ୍କର ମଙ୍ଗଳ ହେଉ ।'' ତହୁଁ ସେମାନେ ନିକଟକୁ ଆସି ତାହାଙ୍କ ପାଦ ଧରି ତାହାଙ୍କୁ ପ୍ରଣାମ କଲେ । ଯୀଶୁ ସେମାନଙ୍କୁ କହିଲେ, ''ତୁମ୍ଭେମାନେ ଶିଷ୍ୟମାନଙ୍କୁ କୁହ, ତାହାଙ୍କୁ ଗାଲିଲୀରେ ସାକ୍ଷାତ୍ ପାଇବେ ।''

ପ୍ରହରୀଦଳ ମଧ୍ୟରୁ କେତେଜଣ ନଗରକୁ ଯାଇ ସେହି ସମସ୍ତ ଘଟଣାର ବିବରଣୀ ପ୍ରଧାନ ଯାଜକମାନଙ୍କୁ ଜଣାଇଲେ । ସେମାନେ ପ୍ରାଚୀନବର୍ଗ ସହିତ ଏକତ୍ର ହୋଇ ମନ୍ତ୍ରଣା କଲା ଉତ୍ତାରେ ସେହି ସୈନ୍ୟମାନଙ୍କୁ ବହୁତ ଟଙ୍କା ଦେଇ କହିଲେ, ''ତୁମ୍ଭେମାନେ କୁହ, ଆମ୍ଭେମାନେ ଶୋଇ ପଡ଼ିଥିବା ସମୟରେ ତାହାଙ୍କର ଶିଷ୍ୟ ଏକଥା ଯେବେ ଶାସନକର୍ତ୍ତାଙ୍କ କର୍ଣ୍ଣଗୋଚର ହୁଏ, ତାହା ହେଲେ ଆମ୍ଭେମାନେ ତାଙ୍କୁ ବୁଝାଇ ତୁମ୍ଭମାନଙ୍କୁ ମୁକ୍ତ କରିବା ।'' ସେଥିରେ ସେମାନେ ଟଙ୍କା ନେଇ ଯେପରି ଶିକ୍ଷା ପାଇଥିଲେ, ସେହିପରି କଲେ । ଏଣୁ ଏହି କଥା ଯିହୂଦୀମାନଙ୍କ ମଧ୍ୟରେ ବ୍ୟାପି ଯାଇ ଆଜି ପର୍ଯ୍ୟନ୍ତ ପ୍ରଚଳିତ ଅଛି ।

କିନ୍ତୁ ଏକାଦଶ ଶିଷ୍ୟ ଗାଲିଲୀକୁ ଯାଇ ଯୀଶୁ ଯେଉଁ ପର୍ବତ ବିଷୟ ସେମାନଙ୍କୁ କହିଥିଲେ, ସେହି ପର୍ବତକୁ ଗଲେ । ଆଉ ସେମାନେ ତାହାଙ୍କୁ ଦେଖି ପ୍ରଣାମ କଲେ, ମାତ୍ର କେହି କେହି ସନ୍ଦେହ କଲେ ।

ପୁଣି ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ''ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେବ । ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।''

## ମୌଖୀକ ପ୍ରଶ୍ନ

୧. ହାରାମାଥୀୟାର ଯୋଷେଫ ପୀଲାତଙ୍କୁ କ'ଣ ମାଗିଥିଲେ ?

୨. ଫାରୂଶୀମାନେ ଭୟ କରୁଥିଲେ, କାଳେ ଯୀଶୁଙ୍କ ଶରୀର ତୃତୀୟ ଦିବସରେ କିଛି ଘଟିପାରେ ? କାହିଁକି ?

୩. କିଏ ପ୍ରଥମ ଦିନରେ ଯୀଶୁଙ୍କୁ ଦେଖିବା ପାଇଁ ଗଲେ ଏବଂ ସେହି ସ୍ତ୍ରୀଲୋକମାନେ ଯେତେବେଳେ ସମାଧି ନିକଟରେ ପହଁଞ୍ଚିଲେ କ'ଣ ପାଇଲେ ?

୪. ଯେତେବେଳେ ସ୍ତ୍ରୀ ଲୋକମାନେ ଫେରିଲେ ଶିଷ୍ୟମାନଙ୍କୁ କ'ଣ ବର୍ଣ୍ଣନା କଲେ ? ସେମାନେ କାହା ନିକଟକୁ ଦୌଡ଼ିଲେ ।

୫. ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କେଉଁଠାରେ ସାକ୍ଷାତ୍ କରିବାକୁ କହିଲେ ?

୬. ପର୍ବତ ଉପରେ, ଯୀଶୁ ଏକ ଗୁରୁତ୍ୱପୂର୍ଣ୍ଣ ଆଜ୍ଞା ତାହାଙ୍କ ଶିଷ୍ୟମାନଙ୍କୁ ଦେଲେ । ଚେଷ୍ଟା କର ଶୂନ୍ୟସ୍ଥାନ ପୂରଣ କରିବାକୁ ଯୀଶୁଙ୍କର ବାକ୍ୟ : ‘‘ଯାଅ, ଅତଏବ ତୁମ୍ଭେମାନେ ______ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଏବଂ ______ ______ ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ଶିଷ୍ୟ କର, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।

## ଆତ୍ମିକ ସତ୍ୟ : ଅଧ୍ୟାୟ – ୭

### ମାଥିଉ ୨୭–୨୮

୧. ଯୀଶୁ ଆଜି ବି ଜୀବିତ ଅଟନ୍ତି । **ଯୀଶୁ ମନୁଷ୍ୟ ନୁହନ୍ତି ଯେ, ସେ ବନ୍ଦୀରେ ମୃତ୍ୟୁରେ ରହିପାରନ୍ତି । ସେ ଅନନ୍ତକାଳ ଈଶ୍ୱର ଅଟନ୍ତି ।** ଯାହାଙ୍କର ଆରମ୍ଭ ନାହିଁ କି ଶେଷ ନାହିଁ । ଜଗତର ଆରମ୍ଭ ପୂର୍ବରୁ ଈଶ୍ୱର ଯୋଜନା କରିଥିଲେ ଯେ, ସେ ମନୁଷ୍ୟ ରୂପେ ଦୁଃଖଭୋଗ କରି ଦାସ ହୋଇ ଏହି ପୃଥିବୀକୁ ଆସିବେ । ଏହା ତାଙ୍କର ଇଚ୍ଛା ଥିଲା, ସେହି ପଥରେ ସେହି ଦିନରେ କ୍ରୁଶାର୍ପିତ ହେବେ । ତାଙ୍କର ଯୋଜନା ବିଫଳ ହୋଇପାରେ ନାହିଁ, ଅଥବା କେହି କଦାପି ତାହା ଲୁଚାଇ ପାରେ ନାହିଁ । ସେ ବର୍ତ୍ତମାନ ଓ ସଦାସର୍ବଦା ଈଶ୍ୱର ହୋଇ ରହିବେ । ସେ ହିଁ କେବଳ ସତ୍ୟ ଈଶ୍ୱର ଅଟନ୍ତି ।

୨. ଫାରୂଶୀମାନେ ଯୀଶୁଙ୍କ ବାକ୍ୟକୁ ବିଶ୍ୱାସ କରି ସୈନ୍ୟମାନଙ୍କୁ ସମାଧି ନିକଟରେ ଜଗାଇଲେ । କାରଣ ଯୀଶୁ ପ୍ରତିଜ୍ଞା କରିଥିଲେ ଯେ, ସେ ମଧ୍ୟ ପୁନର୍ବାର ଉଠିବେ । ଏହି ସମସ୍ତ ଘଟଣା ଯେତେବେଳେ ଘଟିଲା ସେମାନେ ସୈନ୍ୟମାନଙ୍କ କଥାକୁ ବିଶ୍ୱାସ କଲେ । ସେମାନେ ସୈନ୍ୟମାନଙ୍କୁ ମିଛ କହିବା ନିମନ୍ତେ ଅର୍ଥ ଦେଲେ । ଅନେକ ନେତାମାନେ ଉପସ୍ଥାପନ କଲେ ଯେ, ଯେତେବେଳେ ବାପ୍ତିଜକ ଯୋହନ ଯୀଶୁଙ୍କୁ ଡୁବନ ଦେଲେ ଏବଂ ଈଶ୍ୱର ତାଙ୍କ ନିଜ ସ୍ୱରରେ ସ୍ୱର୍ଗରୁ କହିଲେ ସେ କିଏ ଥିଲେ । ଅନ୍ୟ କେତେକ ନେତାମାନେ ସେ ଯେଉଁ ଯେଉଁ ଆଶ୍ଚର୍ଯ୍ୟକର୍ମ କରିଥିଲେ, ସେଗୁଡ଼ିକ ସାକ୍ଷ୍ୟ ଦେଲେ । ସେମାନେ ମଧ୍ୟ ତାହାକୁ କ୍ରୋଧ କଲେ, କାରଣ ସେ ବିଶ୍ରାମ ଦିନରେ ଶୁଷ୍କ ହସ୍ତ ଲୋକକୁ ସୁସ୍ଥତା କଲେ । ଆହୁରି ସେମାନେ ମଧ୍ୟ ଦେଖିଲେ ଅନେକ ଲୋକଙ୍କୁ ଯନ୍ତ୍ରଣା ଦେଇଥିବା ଭୂତମାନେ ବାହାରି ଗଲେ ଏବଂ ଯୀଶୁ ଲୋକମାନଙ୍କର ପାପକୁ କ୍ଷମା ଦେଇଥିଲେ । ସେମାନେ ଜଗିରହି ଦେଖୁଥିଲେ । ପ୍ରାୟ ଅଧିକାଂଶ ଲୋକ ଫାରୂଶୀମାନଙ୍କ କାର୍ଯ୍ୟ ଅପେକ୍ଷା ଯୀଶୁଙ୍କ ଜୀବନ ଓ ବାକ୍ୟକୁ ଜାଣିଥିଲେ । କିନ୍ତୁ ସେହି ଦଳର ଲୋକମାନେ ଈଶ୍ୱରଙ୍କର ପ୍ରେମକୁ ଓ ତ୍ୟାଗକୁ ଗ୍ରହଣ କଲେ ନାହିଁ । ସେମାନେ ସେମାନଙ୍କର ପାପରୁ ମନପରିବର୍ତ୍ତନ କଲେ ନାହିଁ । କିଅବା ସେମାନେ ସେମାନଙ୍କର ଜୀବନକୁ ଯୀଶୁ ଖ୍ରୀଷ୍ଟଙ୍କ ଅଧିକାରକୁ ସମର୍ପଣ କଲେ ନାହିଁ । **ଅଧିକ ଶିଖିବାଠାରୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏବଂ ତାହାଙ୍କ ଜୀବନର ସତ୍ୟ ବିଶ୍ୱାସ କରିବା । ଏହା ଏକ ନୂତନ ଧର୍ମଠାରୁ ଭିନ୍ନ ଅଟେ । ଯୀଶୁ ଇଚ୍ଛା କରନ୍ତି ଯେପରି ଆମେ ପାପରୁ ମନପରିବର୍ତ୍ତନ କରିବା । ତାଙ୍କୁ ବିଶ୍ୱାସ କରିବା ଏବଂ ଆମର ଜୀବନ ତାଙ୍କୁ ଦେବା । ସେ ଚାହାନ୍ତି ଆମ ଜୀବନରେ ପ୍ରଭୁ ବା ନେତା ହେବା ପାଇଁ ଓ ପ୍ରତ୍ୟେକ ଦିନ ଆମ ଜୀବନକୁ ନିୟନ୍ତ୍ରଣ କରିବାକୁ ଚାହାନ୍ତି ।**

୩. ଯୀଶୁ କିଏ ?

- ଯୀଶୁ ଜଣେ କୁମାରୀ ଦ୍ୱାରା ଜନ୍ମ ହୋଇଥିଲେ ।
- ଯୀଶୁ ଈଶ୍ୱର ଥିଲେ ।

- ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ ଏବଂ ଯେଉଁମାନେ ସେମାନଙ୍କର ପାପରୁ ମନ ପରିବର୍ତ୍ତନ କଲେ, ସେମାନଙ୍କୁ କ୍ଷମା ଦେଲେ ।
- ନ୍ୟାୟବାନ୍ ଈଶ୍ୱରଙ୍କଠାରେ ଆମେ ବଞ୍ଚିବା ପାଇଁ ଯୀଶୁ ଆମର ପାପର ମୂଲ୍ୟ କ୍ରୁଶ ଉପରେ ଦେଲେ ।
- ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ ଓ ଆଜି ବି ଜୀବିତ ଅଟନ୍ତି ।
- ଯୀଶୁ ଚାହାନ୍ତି ଆମେ ପାପରୁ ମନପରିବର୍ତ୍ତନ କରିବା ଏବଂ ଆମ ଜୀବନକୁ ତାଙ୍କୁ ଦେବା ।

ବାଇବଲ ଆମକୁ ଶିକ୍ଷା ଦିଏ, ଯୀଶୁ ଉଦାହରଣ ହେବା ପାଇଁ ମଲେ ନାହିଁ । ମାତ୍ର ଆମେ ଯେପରି ପିତା ଈଶ୍ୱରଙ୍କ ସମ୍ମୁଖରେ ଯେସମସ୍ତ ବିଷୟ ଭୁଲ୍ କରିଅଛୁ, ଆମ ଜୀବନକୁ ପୁନଃସ୍ଥାପନ କରିବା ପାଇଁ ମୃତ୍ୟୁବରଣ କଲେ ।

**ବାଇବଲ କହେ, ''ଯେ କେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ'' ରୋମୀୟ ୧୦:୧୩ ।**

- ଏହା ଅର୍ଥ ଅତୀତରେ ଆମେ ଅମନୋଯୋଗୀ ଥିଲୁ । ବର୍ତ୍ତମାନ ଯୀଶୁଙ୍କୁ ମୋ' ଜୀବନକୁ ଆସିବା ପାଇଁ ଆହ୍ୱାନ କରିପାରିବି ଏବଂ ସେ ମୋ' ଜୀବନକୁ ଆସି ମୋର ସମସ୍ତ ପାପ କ୍ଷମା କରିବେ ।
- ଏହାର ଅର୍ଥ ଯେଉଁ ମୁହୂର୍ତ୍ତରେ ଯୀଶୁ ଆମ ହୃଦୟରେ ପ୍ରବେଶ କରିବେ, ସମସ୍ତ ଅତୀତର ପାପ, ବର୍ତ୍ତମାନରେ ପାପ ଓ ଭବିଷ୍ୟତ୍‌ର ପାପ, ଏହା ଈଶ୍ୱରଙ୍କଠାରେ କ୍ଷମା ହୋଇସାରିଛି । ଏହା ନୁହେଁ ଯେ, ମୁଁ ଯେକୌଣସି ବିଷୟ କରିଅଛି । ଏହା ନୁହେଁ ଯେ, ମୁଁ ଏକ ଉତ୍ତମ ଧର୍ମ ବାଛିଅଛି । ଏହା ନୁହେଁ ଯେ, ମୁଁ ଏକ ନୈତିକ ବ୍ୟକ୍ତି ହୋଇଅଛି । ଏହା ନୁହେଁ ଯେ, କାରଣ ମୋର ପିତାମାତା ସ୍ୱତନ୍ତ୍ର ଶିକ୍ଷିତ ଦଳର, ସାମାଜିକ ଶ୍ରେଣୀର । ଏହା କେବଳ କ୍ରୁଶ ଉପରେ ଯୀଶୁ ଯେଉଁ ତ୍ୟାଗର ମୂଲ୍ୟ ଦେଲେ, ତାହା ଗ୍ରହଣ କରିବା ଦ୍ୱାରା ହୋଇଥାଏ ।
- ଏହାର ଅର୍ଥ ଏହି ମୁହୂର୍ତ୍ତଠାରୁ, ମୁଁ ଈଶ୍ୱରଙ୍କ ସମ୍ମୁଖରେ ଜଣେ ଶୁଦ୍ଧ ବ୍ୟକ୍ତି । ବାଇବଲ ଶିକ୍ଷା ଦିଏ, ପାପର ବେତନ ମୃତ୍ୟୁ, କିନ୍ତୁ ଖ୍ରୀଷ୍ଟଙ୍କ ମରଣରେ ଏକ ନୂତନ ସୃଷ୍ଟି । ଯଦି ମୁଁ ପସନ୍ଦ କରି ତାଙ୍କୁ ଅନୁଗମନ କରିବି ।

ବର୍ତ୍ତମାନ ଯଦି ତୁମେ ତୁମ ଜୀବନରେ ଈଶ୍ୱରଙ୍କଠାରୁ କ୍ଷମା ପାଇବାକୁ ଓ ଖ୍ରୀଷ୍ଟଙ୍କର ଅନୁଗମନ କରିବାକୁ ଚାହୁଁ ଅଛ, ଏହି ମୁହୂର୍ତ୍ତରେ ତାଙ୍କୁ କୁହ ତୁମ ଜୀବନରେ ଆସିବାକୁ । ଏହା ଆବଶ୍ୟକ ହୁଏ ନାହିଁ, କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ, ଏହା ଆବଶ୍ୟକ ହୁଏ ନାହିଁ, କିଛି ଆଶ୍ଚର୍ଯ୍ୟବାକ୍ୟ କହିବାକୁ । ଏହା କେବଳ ଗୁରୁତ୍ୱ ଦିଏ, ଈଶ୍ୱରଙ୍କ ନିକଟକୁ ଆସିବା ଓ ଯୀଶୁ ହେଉଛନ୍ତି ଈଶ୍ୱର ବୋଲି ବିଶ୍ୱାସ କରିବା ଏବଂ ତାଙ୍କୁ ଜୀବନର ନିୟନ୍ତ୍ରଣକର୍ତ୍ତା ବୋଲି ବିଶ୍ୱାସ କରିବା ।

ଆପଣମାନେ ଏହିପରି ପ୍ରାର୍ଥନା କରିପାରନ୍ତି :

''ପିତା, ତୁମେ ଜାଣ ଯେ, ମୁଁ ଜଣେ ପାପୀ । ମୁଁ ବିଶ୍ୱାସ କରୁଅଛି ଯୀଶୁ କ୍ରୁଶ ଉପରେ ମଲେ ଏବଂ ସମାଧିରୁ ପୁନରୁତ୍ଥିତ ହେଲେ ଓ ମୋର ପାପରୁ ରକ୍ଷା କଲେ । ମୁଁ ମୋର ପାପରୁ ମନପରିବର୍ତ୍ତନ କରୁଛି । ମୋର ଜୀବନକୁ ଆସ ଏବଂ ମୋର ସମସ୍ତ ପାପ କ୍ଷମା କର । ମୁଁ ତୁମକୁ ମୋର ଜୀବନ ଦେଉଅଛି । ଧନ୍ୟବାଦ ତୁମ ପ୍ରେମ ପାଇଁ । ଯୀଶୁଙ୍କ ନାମରେ ଆମେନ୍ ।''

୪. ''ଯାଅ, ଯୁଗାନ୍ତ ପର୍ଯ୍ୟନ୍ତ ମୁଁ ତୁମ୍ଭମାନଙ୍କ ସଙ୍ଗେ ସର୍ବଦା ଅଛି ।''

ବାଇବଲ ଯୋହନ ୧୪:୨ରେ କୁହେ, ''ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି; ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି ।''

ଯୀଶୁ ଆମକୁ ପ୍ରତିଜ୍ଞା ଦେଇଛନ୍ତି, ଯେକେହି ତାହାର ଜୀବନ ତାଙ୍କୁ ଦେବ, ସେ ତାହାଙ୍କ ସହିତ ଅନନ୍ତକାଳ ବିତାଇବ, ଯେଉଁ ସ୍ଥାନର ନାମ ସ୍ୱର୍ଗ । ସ୍ୱର୍ଗ ହେଉଛି ପିତାଙ୍କ ଗୃହ । **ଆମେ ଯେତେବେଳେ ଥରେ ଆମ ଜୀବନରେ ଯୀଶୁଙ୍କୁ ଗ୍ରହଣ କରିବା, ଆମେ ଯୀଶୁଙ୍କ ସହିତ ଅନନ୍ତ କାଳ ବିତାଇବା ।** ଏହାର ଅର୍ଥ ଅନନ୍ତକାଳ ଆଜିଠାରୁ ଆରମ୍ଭ, କାରଣ ଯୀଶୁ ଆମ ସହିତ ପୃଥିବୀରେ ରହିବେ ଏବଂ ଯେତେବେଳେ ଆମେ ମରିବା ତାହାଙ୍କ ସହିତ ସ୍ୱର୍ଗରେ ଅନନ୍ତକାଳ ବିତାଇବା ।

**ଯୀଶୁ ଯେଉଁ ପ୍ରେମ ତୁମ୍ଭମାନଙ୍କୁ କରିଛନ୍ତି, ତାହା ସତ୍ୟ ଓ ଚିରନ୍ତନ ।**